# ପାନୀୟ ଜଳ ବ୍ୟବସ୍ଥା, ଜଳଛତ୍ର ଖୋଲିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

## ଗ୍ରୀଷ୍ମ ପ୍ରବାହ ମୁକାବିଲା ନେଇ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ


ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ରାୟଗଡା,୫।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲାରେ ଗ୍ରୀଷ୍ମ ପ୍ରବାହରେ ସତର୍କ ରହିବା ଓ ଅଂଶୁଘାତ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଗୁରୁବାର ସ୍ଥାନୀୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାର୍ଚ୍ଚ, ଏପ୍ରିଲ ଓ ମେ ମାସରେ ଗ୍ରୀଷ୍ମ ପ୍ରବାହ ସମୟରେ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ବିଷୟରେ ଜିଲାର ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଚଳିତ ବର୍ଷର ପ୍ରଥମାର୍ଦ୍ଧରୁ ହିଁ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜିଲାରେ ଆରମ୍ଭ ହୋଇଥିବା ବେଳେ ଆଗକୁ ଏହା ଆହୁରି ତୀବ୍ର ରୂପ ନେବାର ଆଶଙ୍କା ରହିଛି। ତେଣୁ ବିଭିନ୍ନ ସମୟରେ ଲୋକେ ଅଂଶୁଘାତର ଶିକାର ହୋଇ ଜୀବନ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ରହିଛି । ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣର ଓଆର୍‌ଏସ ପ୍ୟାକେଟ ଓ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଥିଲା। ସେହିପରି ବିଭିନ୍ନ ଗ୍ରାମାଞ୍ଚଳ, ପୌର ପରିଷଦ, ବ୍ଲକ, ଏନ୍‌ଏସି ପକ୍ଷରୁ ଜଳଛତ୍ର ଖୋଲାଯିବାକୁ ସ୍ୱତନ୍ତ୍ର ଜିଲା ପରିଷଦ ବୈଠକରେ ଜିଲାପାଳଙ୍କ ନିର୍ଦ୍ଦେଶକୁ ଜିଲା ପରିଷଦ ସିଡିଓ ତଥା ଇଓ ଅକ୍ଷୟ କୁମାର ଖେମୁଣ୍ଡୁ ବୈଠକରେ ପୁଣିଥରେ ବିଡିଓମାନଙ୍କୁ ସୂଚନା ଦେଇଥିଲେ । ଜିଲାର ସମସ୍ତ ଗ୍ରାମରେ ଜଳକ୍ଳିଷ୍ଟ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା କରାଯିବା, ଅଚଳ ନଳକୂପ, ସୌର ଚାଳିତ ନଳକୂପଗୁଡିକ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜିଲା ଗ୍ରାମୀୟ ଜଳଯୋଗାଣ ସଂସ୍ଥା ନିର୍ବାହୀ ଯନ୍ତ୍ରୀଙ୍କୁ କୁହାଯାଇଛି । ଖରାପ ନଳକୂଅ ତୁରନ୍ତ ମରାମତି କରିବାକୁ କୁହାଯାଇଛି ।

ସେହିପରି ମଧ୍ୟାହ୍ନ ସମୟରେ ବାହାରେ ବୁଲିବା ବେଳେ ପାଣି ବୋତଲ, ଛତା, ଟୋପି ତଥା ଓଦା କପଡା ଇତ୍ୟାଦି ମୁଣ୍ଡରେ ପକାଇ ଯାତାୟାତ କରିବା ଏବଂ ଏ ନେଇ ଜିଲାର ସମସ୍ତ ଜନସାଧାରଣଙ୍କୁ ସଚେତନ କରାଇବାକୁ ମଧ୍ୟ ବିଭିନ୍ନ ବ୍ୟବସ୍ଥା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପଞ୍ଚାୟତ ଜନପ୍ରତିନିଧିଙ୍କୁ ନେଇ ଜନସଚେତନତା କରିବା ପାଇଁ କୁହାଯାଇଛି। ଗ୍ରୀଷ୍ମ ଦିନରେ ବିଶେଷକରି ପାନୀୟଜଳ ସମସ୍ୟା ଯେପରି ନ ଉପୁଜେ, ବିଦ୍ୟୁତ ବିଭ୍ରାଟ ନ ହେବ, ପଶୁମାନଙ୍କ ଯତ୍ନ ନେବା, ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗାଇଡଲାଇନ ଅନୁଯାୟୀ ସକାଳ ସମୟରେ ଖୋଲିବା, ଜୀବନ ରକ୍ଷକ ଔଷଧ ମହୁଜୁଦ ରଖିବା ଶ୍ରମିକଙ୍କ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ସମୟ ସାରଣୀ ପରିବର୍ତ୍ତନ କରିବା, ଜଙ୍ଗଲ ସୁରକ୍ଷା ଇତ୍ୟାଦି ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି।

ଯାତ୍ରୀବାହୀ ବସ୍ ଯାତାୟତ କରିବା ସମୟ ଓ ଶ୍ରମିକଙ୍କ ସମୟରେ ପରିବର୍ତ୍ତନ କରିବାକୁ କୁହାଯାଇଛି । ବନ୍ୟଜନ୍ତୁଙ୍କ ନିମନ୍ତେ ପିଇବା ପାଣି ବ୍ୟବସ୍ଥା କରିବାକୁ ବନ ବିଭାଗ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅଂଶୁଘାତରେ ଯଦି କାହାର ମୃତ୍ୟୁ ହୁଏ ତେବେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ତହସିଲଦାର/ବିଡ଼ିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲାସ୍ତରରେ, ବ୍ଲକ, ଜିଲା ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ୨୪/୭ ନିୟନ୍ତ୍ରଣ କକ୍ଷ୍ୟ ଖୋଲାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ନିହାର ରଞ୍ଜନ କହଁର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପ, ଉପଜିଲାପାଳ ରମେଶ କୁମାର ଜେନା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମମତା ଚୌଧୁରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଆଦି ଉପସ୍ଥିତ ଥିଲେ ।

# ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

## ବିଭିନ୍ନ ସ୍ଥାନରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ

ଗୁଣପୁର/ ପଦ୍ମପୁର/ମୁନିଗୁଡା,୫।୩ (ସୁଜାତା ପାଢ଼ୀ/ସଂକେତ ପାତ୍ର/ ପ୍ରଶାନ୍ତ କର/ନନ୍ଦ କିଶୋର ପଟ୍ଟନାୟକ)

କଳିଙ୍ଗ ପୁତ୍ର ତଥା ସ୍ୱାଧିନତା ସଂଗ୍ରାମୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଗୁରୁବାର ରାୟଗଡା ଜିଲାର ବିଭିନ୍ନ ବ୍ଲକ୍ ବିଜେଡ଼ି ପକ୍ଷରୁ ପାଳିତ ହୋଇଯାଇଛି । ଗୁଣପୁରଠାରେ ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ, ରାଜ୍ୟ ଛାତ୍ର ଜନତା ଦଳ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶ୍ୱିନୀ ଗମାଙ୍ଗ, ନଗର ସଭାପତି ପୂର୍ଣ୍ଣ ବାଉରୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ନେତାମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଜେଡି ନେତା ଓ କର୍ମୀମାନେ ନୂତନ ବସ୍‌ଷ୍ଟାଣ୍ଡଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ମିଳିତ ହୋଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଓଡ଼ିଶା ପାଇଁ ତାଙ୍କର ଥିବା ଅବଦାନକୁ ନେଇ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଉପ ସଭାପତି ଏସ୍‌ବାବା ପ୍ରସାଦ, କାଉନସିଲର ଦେବୀ ଆଚାର୍ଯ୍ୟ, ଭାଗିରଥୀ ବିଷୋୟୀ, ଶିବ ପାଢ଼ୀ, ଯୁବ ନେତା ମୁନା ପାଣି, ଓକିଲ ରାଜୁ ସାହଙ୍କ ସହ ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ । ଏହା ପରେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟ ଯାଇ ଅନ୍ତେବାସୀ ରୋଗୀଙ୍କୁ ଫଳ, ବିସ୍କୁଟ, ପାଉଁରୁଟି ବଣ୍ଟନ କରିଥିଲେ ।

ସେହପରି ପଦ୍ମପୁର ବ୍ଲକ୍ ବିଜେଡି ପକ୍ଷରୁ ସଭାପତି କରୁଣାକର ଶବରଙ୍କ ନେତୃତ୍ୱରେ ଗାୟତ୍ରୀ ମନ୍ଦିରଠାରେ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦିଆଯାଇଥିଲା। ତାପରେ ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସାଧିନ ରୋଗୀଙ୍କୁ ଫଳ, ବ୍ରେଡ ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଜେଡି ନେତା ଦୁର୍ଗା ପ୍ରସାଦ ସାହୁ, ଦେବେନ୍ଦ୍ର ପାଢ଼ୀ, ଜିଲା ବିଜେଡି ଉପସଭାପତି ଗୋଦାବରୀ ରାଉତ, ସାଧାରଣ ସମ୍ପାଦକ ହୁରୁରୁଲା ମାଝୀ, ଜିଲା ପରିଷଦ ସଭ୍ୟ ରବି ନାରାୟଣ ଆଚାର୍ଯ୍ୟ, ପଦ୍ମପୁର ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ, ପଦ୍ମପୁର ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ପ୍ରଶାନ୍ତ ଦଳେଇ, ଯୁବ ନେତା ସନ୍ତୋଷ ପାଣଗ୍ରାହୀ, ବିଜୁ ମହିଳା ଜନତା ଦଳ ନେତ୍ରୀ ସୁପ୍ରିୟା ରାଉତ ପ୍ରମୁଖ ଯୋଗ ଦେଇଥିଲେ ।

ସେହିପରି ମୁନିଗୁଡା ବ୍ଲକ ବିଜେଡି ତରଫରୁ ବିଜେଡି ବ୍ଲକ ସଭାପତି ରତନଲାଲ ଜୈନ ଓ ଜିଲା ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ମିଳିତ ସଂଯୋଜନାରେ ବିଜୁ ବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଦଳୀୟ ନେତା ଓ କର୍ମୀମାନେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେଠାରେ ରୋଗୀଙ୍କୁ ଫଳ,ବ୍ରେଡ ଓ ବିସ୍କୁଟ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡିର ସଂଗଠକ ବୃନ୍ଦାବନ ପାଢ଼ୀ, ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ସୀମାଞ୍ଚଳ ଦାସ, ଯୁବ ନେତା ରମେଶ ପାଣି, ଗଙ୍ଗା ଦଳେଇ,ସ୍ୱାଗତ ସୌମ୍ୟ ଲେଙ୍କାଙ୍କ ସମେତ ଅନ୍ୟ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।


ଗୁଣପୁରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

# ଏଚ୍‌ପିଭି ଟିକାକରଣ ଅଭିଯାନ ଶୁଭାରମ୍ଭ


ପଦ୍ମପୁରରେ ବିଧାୟକ ସତ୍ୟଜିତ ଗମାଙ୍ଗ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

ଗୁଣପୁର/ ପଦ୍ମପୁର,୫।୩(ସୁଜାତା ପାଢ଼ୀ/ ସଂକେତ ପାତ୍ର/ପ୍ରଶାନ୍ତ କର)

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଗୁରୁବାର ଏଚ୍‌ପିଭି ଟିକାକରଣ ଅଭିଯାନ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଜରାୟୁ ଗ୍ରୀବା କର୍କଟରୁ ସୁରକ୍ଷା ଏହି ଗୋଟିଏ ଟିକା ୧୪ରୁ ୧୫ ବର୍ଷର ଯୁବତୀଙ୍କୁ ପ୍ରଦାନ କରାଯାଇଥିଲା । ମହିଳାଙ୍କୁ ବିଭିନ୍ନ ପ୍ରକାର କର୍କଟ ରୋଗକୁ ପ୍ରତିହିତ ତଥା ସୁରକ୍ଷା କରିବା ପାଇଁ ଏହି ଟିକା ପ୍ରଦାନ କରାଯାଇଛି। ଅଭିଭାବକମାନେ ନିଜ କନ୍ୟା ସନ୍ତାନଙ୍କୁ ଏହି ଟିକା ଦେଇ ସେମାନଙ୍କୁ ଜରାୟୁ ଗ୍ରୀବା କର୍କଟ ଭଳି ରୋଗରୁ ସୁରକ୍ଷିତ ରଖିବା ସହ ସୁସ୍ଥ ଭବିଷ୍ୟତ ଗଠନରେ ସହଯୋଗ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ପ୍ରଦୀପ ପଣ୍ଡା, ସିଡିପିଓ ସୁଷମା ପ୍ରସାଦ ଏବଂ ଅନ୍ୟ ଡାକ୍ତରମାନେ ଉପସ୍ଥିତ ଥିଲେ। ଆଶା କର୍ମୀ ଏବଂ ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସେହିପରି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଜରାୟୁ କର୍କଟ ନିରାକରଣ ନିମନ୍ତେ ଏଚ୍‌ପିଭି ଟିକାକରଣର ଶୁଭାରମ୍ଭ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର ଯୋଗଦାନକରି ଟିକାକରଣର ଶୁଭାରମ୍ଭ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଚିନ୍ମୟ ସାମଲ, ବିପିଓ ମନୋଜ ପଣ୍ଡା, ଜୟଦେବ ଲିମାଲ ପୁରୀ, ବ୍ଲକ ଶିକ୍ଷା ଅଧିକାରୀ ହୃଷୀକେଶ ରଥଙ୍କ ସହ ବହୁ ପ୍ରଶାସନିକ ଅଧିକାରୀ ଯୋଗଦାନ କରିଥିଲେ। ମୋଟ ୧୮ ଜଣ ୧୪ବର୍ଷର ବାଳିକାଙ୍କୁ ଟିକା ଦିଆଯାଇଥିଲା।

# ପ୍ରେସ୍ ଆଣ୍ଡ ମିଡିଆ ୱେଲ୍‌ଫେୟାର ଆସୋସିଏଶନର ଦାବିପତ୍ର


ଅମ୍ବାଦଳା ଥାନା ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

## ଖବରଦାତାଙ୍କ ନାମରେ ମିଥ୍ୟା ଅଭିଯୋଗ ମାମଲା

ରାୟଗଡ଼ା,୫।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲା ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ କିଛି ମାସ ହେଲା ବିଭିନ୍ନ ଅନିୟମିତତାକୁ ନେଇ ସ୍ଥାନୀୟ ଖବରଦାତାମାନେ ଖବର ପ୍ରସାରଣ କରିଥିଲେ। ଏହାପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୋଲା ବାମନମୂର୍ତ୍ତି ଆକ୍ରୋଶମୂଳକ ଭାବେ ୭ ଜଣ ଖବରଦାତାଙ୍କ ନାଁରେ ଅମ୍ବାଦଳା ଥାନାରେ ବିଭିନ୍ନ ମିଥ୍ୟା ମାମଲା ରୁଜୁ କରିଥିବା ପ୍ରେସ୍ ଆଣ୍ଡ ମିଡ଼ିଆ ୱେଲଫେୟାର ଆସୋସିଏଶନ ଅଭିଯୋଗ କରିଛି । ଗୁରୁବାର ଆସୋସିଏଶନ ପକ୍ଷରୁ ପ୍ରତିବାଦ ସ୍ୱରୂପ ଖବରଦାତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ରାୟଗଡା ଜିଲା ପ୍ରେସ ଆଣ୍ଡ ମିଡ଼ିଆ ୱେଲଫେୟାର ଆସୋସିଏଶନର ସଦସ୍ୟ ତଥା ଖବରଦାତାମାନେ ଅମ୍ବାଦଳା ଥାନାର ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାଢ଼ୀଙ୍କ ସହ ଏ ନେଇ ଆଲୋଚନା କରିବା ସହ ଏହି ଘଟଣାର ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ପ୍ରଧାନଶିକ୍ଷକଙ୍କ ବିରୋଧରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଚାପି ଦେଇଛନ୍ତି ଏବଂ ଏହି ସମ୍ପର୍କରେ ଖବର ପ୍ରକାଶ କରୁଥିବା ଖବରଦାତାଙ୍କୁ ଓଲଟା କେସ କରି କ'ଣ ପ୍ରମାଣ କରିବାକୁ ଚାହୁଁଛନ୍ତି ବୋଲି ଖବରଦାତା ଶିବାଜୀ ଦାଶ ପ୍ରଶ୍ନ କରିଛନ୍ତି। ବିଦ୍ୟାଳୟର ଅନିୟମିତତାକୁ ଲୁଚାଇବା ପାଇଁ ପ୍ରଧାନ ଶିକ୍ଷକ ପୋଲିସ କେସର ଭୟ ଦେଖାଇ ଖସିଯିବାକୁ ଚେଷ୍ଟା କରୁଛନ୍ତି ବୋଲି ଦାଶ କହିବା ସହ ତୁରନ୍ତ ଏହି ଘଟଣାର ତଦନ୍ତ ହେଉ ଏବଂ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି । ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଖବରଦାତା ଅମୂଲ୍ୟରତ୍ନ ସାହୁ, ସଂଗ୍ରାମ କେଶରୀ ପଟ୍ଟନାୟକ, ସୁଶାନ୍ତ ପ୍ରଧାନ, ନିରଞ୍ଜନ ପାଳ, ସନ୍ତୋଷ ପାଣିଗ୍ରାହୀ, କେ.ନୀତିନ ଚୌଧୁରୀ, ବି ଶ୍ରୀନିବାସ, ସଂକେତ ପାତ୍ର, ପ୍ରସନ୍ନ ପଣ୍ଡା, ନନ୍ଦ କିଶୋର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଏଲ୍‌ଇଡି ଲଗାଇବା ପରେ ଖୋଳାଯାଇଥିବା ମାଟି ସଫା କଲାନି ଏନ୍‌ଏସି

ଗୁଡାରି,୫।୩ (ପ୍ରମୋଦ କୁମାର ପତି)

ରାୟଗଡା ଜିଲା ଗୁଡାରି ଏନ୍‌ଏସି ପକ୍ଷରୁ ଗତ ୨୩ ତାରିଖରେ ସହରର ବିଜ୍ଞାନ ମହାବିଦ୍ୟାଳୟ ନିକଟ ଏବଂ ବସ୍‌ଷ୍ଟାଣ୍ଡ ପରିସରରେ ୨ଟି ବଡ଼ ଏଲ୍‌ଇଡି ସ୍ଥାପନ କରାଯାଇଛି। ଏହି ଏଲ୍‌ଇଡି ମାଧ୍ୟମରେ ସହରବାସୀ ପ୍ରମୁଖ ସୂଚନା ଜାଣିପାରିବା ସହିତ ବିଭିନ୍ନ କ୍ରୀଡାର ସିଧାପ୍ରସାରଣ ବଡ଼ ପରଦାରେ ଦେଖିବା ସୁଯୋଗ ପାଇପାରୁଥିବାରୁ ସ୍ୱାଗତ କରିଛନ୍ତି । କିନ୍ତୁ ଏଲ୍‌ଇଡି ସ୍ଥାପନ ପରେ ସିମେଣ୍ଟ ରାସ୍ତାରେ ଗାତ ଖୋଳାଯାଇଥିବା ମାଟି ଫିଙ୍ଗାଯାଇନାହିଁ ଏବଂ ସେଠାରେ ଏହି କାର୍ଯ୍ୟରେ ବ୍ୟବହୃତ ବଳକା ବାଲି ମଧ୍ୟ ପଡି ରହିଛି। କାର୍ଯ୍ୟ ସମାପ୍ତ ପରେ ବଳକା ବାଲି, ଗୋଡି ମାଟି ବାହାରେ ଫିଙ୍ଗିବା ପାଇଁ ଏନ୍‌ଏସି ପକ୍ଷରୁ ସହରବାସୀଙ୍କୁ ନିର୍ଦ୍ଦେଶ ଦିଆଯାଉଥିବା ବେଳେ ନିଜେ ଏନ୍‌ଏସି କର୍ତ୍ତୃପକ୍ଷ ଏହି ନିୟମ ପାଳନ କରୁ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି। ରାସ୍ତାରେ ମାଟି ବାଲି ପଡ଼ି ରହିଥିବାରୁ ଗାଡି ମୋଟର ଯାତାୟାତରେ ଅସୁବିଧା ହେବା ସହ ସେଠାରେ ଥିବା ନଳକୂପରୁ ପାନୀୟ ଜଳ ଆଣିବାକୁ ଗଲା ବେଳେ ଅସୁବିଧା ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାଢ଼ୀଙ୍କୁ ପଚାରିବାରୁ ଯେଉଁ ସଂସ୍ଥା ଏହି ଏଲ୍‌ଇଡି ସ୍ଥାପନ କରିଛି ସେ ସଂସ୍ଥାକୁ କହି ମାଟି ବାଲି ସଫା କରାଯିବ ବୋଲି କହିଛନ୍ତି।


ଏଲ୍‌ଇଡି ତଳେ ବଳକା ମାଟି, ବାଲି ପଡି ରହିଛି।

# ବେଙ୍ଗାଲୁରୁରୁ ଆସିଲା ମଞ୍ଜୁଳାଙ୍କ ମରଶରୀର

ଗୁଣୁପୁର, ୫।୩ (ସଂକେତ ପାତ୍ର)

ଗତ ୨୫ ତାରିଖରେ ବେଙ୍ଗାଲୁରୁଠାରେ ମୃତ୍ୟୁବରଣ କରିଥିବା ଗୁଣପୁର ନିକଟସ୍ଥ ରେଜିଂତାଲ ଗ୍ରାମର ଇସ୍ତିପାନ ଗମାଙ୍ଗଙ୍କ ଝିଅ ମଞ୍ଜୁଳା ଗମାଙ୍ଗଙ୍କ ମରଶରୀର ମଙ୍ଗଳବାର ଅପରାହ୍ନ ୨ଟା ୩୦ରେ ଆମ୍ବୁଲାନ୍ସ ଯୋଗେ ଗ୍ରାମରେ ପହଞ୍ଚିଛି। ମଞ୍ଜୁଳାଙ୍କ ମରଶରୀରକୁ ବେଙ୍ଗାଲୁରୁରୁ ଗ୍ରାମକୁ ଆଣିବା ପାଇଁ ତାଙ୍କ ବାପା, ମା ଓ ଭାଇଙ୍କ ସହ ସେହି ଅଞ୍ଚଳର ସାମାଜିକ କର୍ମୀ ଇସ୍ମାଇଲ ଶବର, ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ୱାଇ. ଗଣପତି ସ୍ଥାନୀୟ ପୋଲିସ ଓ ପ୍ରଶାସନ ନିକଟରେ ଅନୁରୋଧ କରିଥିଲେ। ପରେ ଭାଜପା ନେତା ଗଣପତି ବେଙ୍ଗାଲୁରୁ ସିଟି ପୋଲିସ ଷ୍ଟେଶନର ଭାରପ୍ରାପ୍ତ ଅଧିକାରୀଙ୍କ ସହ କଥା ହୋଇ ମୃତ ଶରୀରକୁ ଆମ୍ବୁଲାନ୍ସ ଯୋଗେ ଗୁଣପୁରକୁ ପଠାଇବା ପାଇଁ ବ୍ୟବସ୍ଥା କରିଥିଲେ। ସେଥିସହ ଗୁଣପୁର ଉପଜିଲାପାଳ ଦୁଧାଲ ଅଭିଷେକ ଦିଲୀପ ଓ ଗୁଣପୁର ଥାନା ଆଇଆଇସି କମଳକାନ୍ତ କହଁରଙ୍କ ସହ କଥାବାର୍ତ୍ତା ହୋଇ ଶୋକସନ୍ତପ୍ତ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇବା ପାଇଁ ଅନୁରୋଧ କରିଥିବା ଜଣାପଡ଼ିଛି। ଆମ୍ବୁଲାନ୍ସ ଗ୍ରାମରେ ପହଞ୍ଚିବା ସମୟରେ ଭାଜପା ନେତା ୱାଇ. ଗଣପତି, ଜିଲା ଉପସଭାପତି ଶ୍ରୀନିବାସ ସ୍ୱାଇଁ, ଯୁବନେତା ସତ୍ୟସୁନ୍ଦର କର ଓ କିରଣ କୁମାର ପାଣଗ୍ରାହୀ ରେଜିଂତାଲ ଗ୍ରାମରେ ଉପସ୍ଥିତ ରହି ପରିବାରବର୍ଗଙ୍କୁ ସାନ୍ତ୍ୱନା ଜଣାଇଥିଲେ।


ଆମ୍ବୁଲାନ୍ସ ନିକଟରେ ଗ୍ରାମବାସୀଙ୍କ ଭିଡ଼।

# ଆଗାମୀ ପଞ୍ଚାୟତ ନିର୍ବାଚନରେ ରାଜନୀତିକୁ ଓହ୍ଲାଇପାରେ ବିଜୁ ସ୍ୱାଭିମାନ ମଞ୍ଚ

## ବିଜେଡି, ବିଜୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ବିଜୁ ଜୟନ୍ତୀ

ରାୟଗଡ଼ା,୫।୩(ଆଶିଷ ରଞ୍ଜନ ପଣ୍ଡା)

ଚଳିତ ଥର ଦୁଇଟି ସ୍ଥାନରେ ଭିନ୍ନ ଭିନ୍ନ ଭାବେ ପାଳିତ ହେଲା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ । ବିଜୁ ଜନତା ଦଳ ଜିଲା ସଭାପତି ଜଗନ୍ନାଥ ସାରକାଙ୍କ ନେତୃତ୍ୱରେ ରାୟଗଡ଼ା ବସ୍‌ଷ୍ଟାଣ୍ଡସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପାଳିତ ହୋଇଥିଲା । ସେହିପରି ନୂତନ ଭାବେ ସମାଜସେବା ପାଇଁ ଗଠନ ହୋଇଥିବା ବିଜୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକାଙ୍କ ନେତୃତ୍ୱରେ ଜିଲାପାଳଙ୍କ ଅଫିସ୍ ନିକଟସ୍ଥ କାର୍ଯ୍ୟାଳୟଠାରେ ବିଜୁବାବୁଙ୍କ ଜୟନ୍ତୀ ପାଳନ ହୋଇଥିଲା । ତେବେ ଗତ ବର୍ଷ ଏକ ବୃହତ୍ ଗୋଷ୍ଠୀ ବିଜେଡି ଛାଡ଼ିବା ପରେ ବିଜୁ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ସମାଜସେବା ଉଦ୍ଦେଶ୍ୟରେ ଗଠନ ହୋଇଥିବା ବିଜୁ ସ୍ୱାଭିମାନ ମଞ୍ଚ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଜିଲାରେ ରାଜନୀତିକୁ ଓହ୍ଲାଇ ବିଜେଡ଼ିକୁ ମାତ୍ ଦେଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି । କାରଣ ବିଜେଡି ଛାଡ଼ିବା ପରେ ରାୟଗଡ଼ା ପୌର ପରିଷଦର ଏକ କାଉନସିଲର ଗୋଷ୍ଠୀ ବିଜେଡି ସମର୍ଥିତ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଯାହାର ଫଳାଫଳ ୧୧ତାରିଖରେ ଘୋଷଣା କରାଯିବା ନେଇ ଜିଲାପାଳ ଚିଠି ଜାରି କରିଛନ୍ତି ।

ବିଜୁ ଜନତା ଦଳ ପକ୍ଷରୁ ପ୍ରଥମେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ସଭାନେତ୍ରୀ ଅନସୂୟା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଉପସଭାପତି ସତ୍ୟ ନାରାୟଣ ପାଢ଼ୀ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ବିନାୟକ ପଲେଇ, ଜିଲା ଯୁବ ସଭାପତି ଉଦୟ ହିମିରିକାଙ୍କ ସମେତ କାଉନସିଲର ଶୁଭ୍ରା ପଣ୍ଡା, ବରିଷ୍ଠ ନେତା ବ୍ରଜସୁନ୍ଦର ନାୟକ, ସନ୍ତୋଷ ପାତ୍ର, ଟିଟୁ ରଥ, ଅଶୋକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ବିଜୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ଏହାର କାର୍ଯ୍ୟାଳୟରେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ପୂର୍ବକ ତାଙ୍କର ଅବଦାନର ଗାଥା ବର୍ଣ୍ଣନା କରିଥିଲେ । ବିଜୁବାବୁ କିପରି ନିଜ ଶାସନକାଳରେ ଓଡ଼ିଶାର ୧୩ ଜିଲାକୁ ୩୦ ଜିଲାରେ ପରିବର୍ତ୍ତନକରି ଲୋକଙ୍କ ସୁବିଧା କରିଥିଲେ ସେହି ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିନାୟକ କର ପରିଚାଳନା କରିଥିବା ବେଳେ ରାଜ୍ୟ ସଭା ପୂର୍ବତନ ସଦସ୍ୟ ଏନ୍.ଭାସ୍କର ରାଓ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, ଦୁଇ ଜିଲା ପରିଷଦ ସଭ୍ୟ ସନ୍ଧ୍ୟା ପୁଲାକା ଓ ପ୍ରଶାନ୍ତ କୁଲେସିକା, କାଉନସିଲର ଶ୍ରମିତା ପାଢ଼ୀଙ୍କ ସମେତ ବରିଷ୍ଠ ନେତା ଚନ୍ଦ୍ରକାନ୍ତ ସାମଲ, ଶ୍ରୀକାନ୍ତ ଚୌଧୁରୀ, ପପୁ ପ୍ରବୀଣ କୁମାର, ତପନ ପେଦେଣ୍ଟି ଓ ଅନ୍ୟ କାଉନସିଲର, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।


ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ବିଜେଡି ନେତା।



ବିଜୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକାଙ୍କ ସହ ଅନ୍ୟ କର୍ମକର୍ତ୍ତା।

## ସଂକ୍ଷେପରେ

### ଭେଷଜ ନିରୀକ୍ଷକଙ୍କୁ ସିଡିଏମ୍ଓ ମାଗିଲେ ରିପୋର୍ଟ

**ବେଆଇନ ଡ୍ରଗ୍ସ କାରବାର, ୨ ଅଭିଯୁକ୍ତ ଗିରଫ ଘଟଣା**

ନବରଙ୍ଗପୁର,୫।୩(ସଦାଶିବ ପ୍ରହରାଜ)

ଆନ୍ତଃରାଜ୍ୟ ଡ୍ରଗ୍ସ ରାକେଟ ବିରୋଧରେ ବସ୍ତର ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ଘଟଣା ପରେ ନବରଙ୍ଗପୁର ଭେଷଜ ନିରୀକ୍ଷକଙ୍କ ତତ୍ପରତା ବୃଦ୍ଧି ପାଇଛି। ପାପଡ଼ାହାଣ୍ଡିସ୍ଥିତ ସାମାଜିକ କର୍ମୀ ବିଭୂତି ପ୍ରସାଦ ପଣ୍ଡା ସିଡିଏମ୍ଓଙ୍କ ନିକଟରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଏନେଇ ଫେବୃୟାରୀ ୨୫ରେ ସିଡିଏମ୍ଓ ଭେଷଜ ନିରୀକ୍ଷକଙ୍କୁ ତଦନ୍ତ ରିପୋର୍ଟ ମାଗିଛନ୍ତି। ଯେଉଁ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ଦର୍ଶାଇଛନ୍ତି। ସୂଚନାନୁଯାୟୀ, ଛତିଶଗଡ ଜଗଦଲପୁର ଭବାନୀ ଛକ ବୋଧଘାଟ ଥାନା ଅଞ୍ଚଳର ନରେନ୍ଦ୍ର ସିଂହ ଠାକୁର (୩୬) ଓ ନବରଙ୍ଗପୁର ଶ୍ରୀ ଲକ୍ଷ୍ମଣ ମେଡିକାଲ ଓ ଜେନେରାଲ ଷ୍ଟୋର ମାଲିକ ଊନ୍ନା ରାମକୃଷ୍ଣ ରାଓ(୬୧)ଙ୍କୁ ବସ୍ତର ପୋଲିସ ଗିରଫ ପରେ ଫେବୃଆରୀ ୧୩ରେ କୋର୍ଟଚାଲାଣ କରିଥିଲା। ସେମାନଙ୍କ ଠାରୁ ୧୪ ଲକ୍ଷ ଟଙ୍କାର ନିଷିଦ୍ଧ ନିଶାଦ୍ରବ୍ୟ ଟ୍ରାମାଡଲର ମେଡିସିନ ଜବତ ହୋଇଥିଲା। ଏହାପରେ ନବରଙ୍ଗପୁର ଭେଷଜ ନିରୀକ୍ଷକ ନବରଙ୍ଗପୁର ଶ୍ରୀ ଲକ୍ଷ୍ମଣ ମେଡିକାଲ ଷ୍ଟୋର ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିଲେ। ମାଲିକାନା କାହା ନାମରେ ଓ କିଏ ବସି ବ୍ୟବସାୟ କରୁଥିଲା ତାହା ନେଇ ଭେଷଜ ନିରୀକ୍ଷକ ଧରିତ୍ରୀ ସବରଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି। ଏନେଇ ଅଧିକା ଟିପ୍ପଣୀ ଦେଇ ହେବ ନାହିଁ। ତଦନ୍ତ ସରିବା ପରେ ତଥ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି। ତେବେ ଜିଲାରେ ପ୍ରାୟ ୩୨୦ ମେଡିକାଲ ଷ୍ଟୋର ରହିଛି। ୨୦ଟି ମେଡିସିନ ଡିଲର ଅଛନ୍ତି। ପ୍ରତି ମାସରେ ନିୟମିତ ଭାବେ ଏକ ଟିମ୍ ୨୦ ଟି ଲେଖାଏ ମେଡିକାଲ ଷ୍ଟୋର ଯାଞ୍ଚ କରିଛନ୍ତି। ଯେଉଁ ମାନେ ନିୟମ ଖିଲାପ କରିଛନ୍ତି ସେନେଇ ରିପୋର୍ଟ ପ୍ରସ୍ତୁତ କରାଯାଇ ନୋଟିସ କରି କରାଯାଉଛି ଓ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ନିଆଯାଉଛି ବୋଲି କହିଛନ୍ତି ।

### ରାଜସ୍ୱ ଅମଲା ସଂଘର ୧୦୮ ଦୀପ ପ୍ରଜ୍ୱଳନ

ନବରଙ୍ଗପୁର,୫।୩(ସଦାଶିବ ପ୍ରହରାଜ)

ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେବା ଖବର ଶୁଣି ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁଙ୍କ ନେତୃତ୍ୱରେ ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଛି। ଏଥିସହ ୧୦୮ ଦୀପ ପ୍ରଜ୍ୱଳନ କରିବା ସହିତ ମନ୍ତ୍ରୀ ପୂଜାରୀଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି। ଉକ୍ତ ପୂଜାର୍ଚ୍ଚନା ସମୟରେ ନବରଙ୍ଗପୁର ଜିଲା ଶାଖା ଅଧକ୍ଷ କୈଳାସ ଚନ୍ଦ୍ର ଦାସ, ଉପସଭାପତି ସୌରଭ ଦାସ, ସମ୍ପାଦକ ଦେବାଶିଷ ସୁଆର, ସହସମ୍ପାଦକ ମୈଥିଲୀ ପଟ୍ଟନାୟକ, ତୃପ୍ତି ପଟ୍ଟନାୟକ, ପ୍ରିୟଙ୍କା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି ଅଭିଯୋଗରେ ଯୁବକ ଗିରଫ

ଡାବୁଗାଁ, ୫।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ଜେନେରେଟର ଚୋରି ଅଭିଯୋଗରେ ମଙ୍ଗଳବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉମରକୋଟ ଥାନା ଅଧୀନ ପୁର୍ଲା ଗ୍ରାମର ଆଲୋକ ବରୋଇ (୪୦)। ସୂଚନାନୁଯାୟୀ, ଡାବୁଗାଁ ଥାନା ଅଧୀନ ଚାଟିଗୁଡ଼ା ଗ୍ରାମର ଲିଙ୍କି ପ୍ରିୟଦର୍ଶିନୀ ସାମଲ ବରିମୁଣ୍ଡା ଗ୍ରାମ ନିକଟରେ ଏକ ନୂତନ ଘର ତିଆରି କରୁଛନ୍ତି। ସେଠାରେ ବିଦ୍ୟୁତ ନ ଥିବାରୁ କାମ କରିବା ପାଇଁ ସେ ଏକ ଜେନେରଟର ଆଣିଥିଲେ। ଗତ ୨୨ ତାରିଖରେ ଲିଙ୍କି କାମ ପାଖକୁ ଯାଇ ଦେଖିବାବେଳକୁ ସେଠାରେ ତାଙ୍କ ଜେନେରେଟର ନ ଥିଲା। ଏହାପରେ ସେ ଡାବୁଗାଁ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା କେସ ନଂ ୩୬/୨୬ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ଆରମ୍ଭ କରିଥିଲା। ୨ ତାରିଖ ସୋମବାର ରାତିରେ ପୋଲିସ ଆଲୋକଙ୍କ ଘରେ ଚଢ଼ାଉ କରିଥିଲେ। ସେଠାରୁ ଚୋରି ଜେନେରେଟର ଜବତ କରି ଆଲୋକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ସାଥୀ ଦୁସ୍ମନ ଗୌଡ଼ଙ୍କ ସହ ମିଶି ଚୋରି କରିଥିବା ଆଲୋକ ମାନିଥିଲେ। ମଙ୍ଗଳବାର ଅପରାହ୍ନରେ ପୋଲିସ ଆଲୋକଙ୍କୁ କୋର୍ଟ ଚାଲାଣ କରିଛି। ଏବେ ଅଭିଯୁକ୍ତ ଦୁସ୍ମନ ଫେରାର ଅଛନ୍ତି। ଥାନା ଏଏସ୍ଆଇ ସସ୍ମିତା ଦାଶ ମାମଲାର ତଦନ୍ତ କରୁଛନ୍ତି।

# ମଦ ବିକିଲେ, ପିଇଲେ ହଜାରେ ଜରିମାନା


ବୈଠକରେ ସାମିଲ ହୋଇଥିବା ଗ୍ରାମବାସୀ।

**ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ଦଲେଇଗୁଡ଼ା ଗ୍ରାମବାସୀ**

- ବୈଠକ କରି ଗାଁରେ ସଚେତନ କଲେ
- ଅବକାରୀ ବିଭାଗ, ପାପଡ଼ାହାଣ୍ଡି ଥାନାରେ ଲିଖିତ ଅଭିଯୋଗ

ପାପଡ଼ାହାଣ୍ଡି, ୫।୩ (ସ୍ୱପ୍ନଜିତ ପଟ୍ଟନାୟକ)

ମଦ ଯୋଗୁଁ ଗ୍ରାମରେ ବଢ଼ୁଛି ଅଶାନ୍ତି। ବିଭିନ୍ନ ସମୟରେ ଗଣ୍ଡଗୋଳ ହେବା ସହିତ ଅନେକ ପରିବାର ସର୍ବସ୍ୱାନ୍ତ ହରାଉଛନ୍ତି। ଦେଶୀ ଓ ବିଦେଶୀ ମଦ ପିଇ ପିଲାଠୁ ବୁଢ଼ା ସମସ୍ତେ ମାତାଲ ରହୁଛନ୍ତି। ଗ୍ରାମର ପରିବେଶ ଖରାପ ହେବାରେ ଲାଗିଛି। ତେଣୁ ମଦ କାରବାର ବନ୍ଦ କରିବାକୁ ଗୁରୁବାର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦଲେଇଗୁଡ଼ା ଗ୍ରାମବାସୀ ଏକ ବୈଠକ କରିବା ସହ ଗାଁରେ ସଚେତନ କରାଇଛନ୍ତି।

ଦଲେଇଗୁଡ଼ା ଗ୍ରାମରେ ୧୨ଶହରୁ ଊର୍ଦ୍ଧ୍ୱ ଜଣ ବସବାସ କରୁଛନ୍ତି। କିନ୍ତୁ ଏହି ଗାଁରେ ଅବାଧରେ ମଦ ବିକ୍ରି ହେଉଥିବାରୁ ମହିଳା, ପୁରୁଷ ମଦ୍ୟପାନ କରୁଛନ୍ତି। ଏଥିସହ କେତେଜଣ ନାବାଳକ ଓ ଛାତ୍ରୀଛାତ୍ର ମଦ ପିଉଛନ୍ତି। ନିସାଶକ୍ତ ଅବସ୍ଥାରେ ଥିବା ଲୋକେ ଗାଁରେ ଗଣ୍ଡଗୋଳ କରୁଥିବା ବେଳେ ଏହାକୁ କେନ୍ଦ୍ର କରି ପରିବାରରେ ଅଶାନ୍ତି ଦେଖାଦେଉଛି। ଛାତ୍ରୀଛାତ୍ର ବିଦ୍ୟାଳୟକୁ ନ ଯାଇ ମଦ ପିଇ ନିଜ ଭବିଷ୍ୟତ ନଷ୍ଟ କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ପୁରୁଷମାନେ କାମଧନ୍ଦା ଛାଡ଼ି ମଦ ପିଇବା ସହ ଘରେ ଓ ଗାଁରେ ଝଗଡ଼ା କରୁଛନ୍ତି। ଫଳରେ ଗାଁରେ ଅଶାନ୍ତିୟକର ପରିବେଶ ସୃଷ୍ଟି ହେଉଛି। ପରିବାର ମୁଖିଆ ମଦ ପିଇ ଘରେ ପଡ଼ି ରହୁଥିବାରୁ ଘର ଚଳାଇବରେ ସମସ୍ୟା ହେଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଗ୍ରାମରେ କେହି ମଦ ବିକ୍ରି କରିପାରିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଗାଁରେ କୌଣସି ବ୍ୟକ୍ତି ମଦ ପିଇବ ନାହିଁ। ଯଦି କେହି ମଦ ବିକ୍ରି କରେ ତେବେ ହଜାର ଟଙ୍କା ଜରିମାନା ଓ ମଦ ପିଇଲେ ହଜାର ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ସ୍ଥିର ହୋଇଥିଲା। ତଥାପି ମଧ୍ୟ ଗାଁରେ ମଦ ବିକ୍ରୀ ହେଉଛି। ମଦ ବନ୍ଦ ଅଭିଯାନ ନିମନ୍ତେ ଗ୍ରାମବାସୀ ଅବକାରୀ ବିଭାଗ, ପାପଡ଼ାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ର ଦେବା ସମୟରେ ଗ୍ରାମର କୁମାରୀ ଭତରା, ଜେମା ଭତରା, ଶୁକ୍ରୀ ଭତରା, ବୈଦି ଭତରା, ରାତନା ଭତରା ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗ ପାଇବା ମାତ୍ରେ ପାପଡାହାଣ୍ଡି ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଦଲେଇଗୁଡ଼ା ଗ୍ରାମରେ ମଦ ଖୋଜା ଅଭିଯାନ ଆରମ୍ଭ କରାଯାଇଥିବା ସୂଚନା ମିଳିଛି।

# ବିଜୁବାବୁ ଥିଲେ ଆଧୁନିକ ଓଡ଼ିଶାର ବିଶ୍ୱକର୍ମା


ବୈଠକରେ ଉପସ୍ଥିତ ବିଜେଡି ନେତାମାନେ ଆଲୋଚନା କରୁଛନ୍ତି।

ଡାବୁଗାଁ, ୫।୩ (ପ୍ରଜ୍ଞା ରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ନିର୍ବାଚନ ମଣ୍ଡଳୀସ୍ତରୀୟ ୧୧୦ ତମ ବିଜୁ ଜୟନ୍ତୀ ଡାବୁଗାଁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡାବୁଗାଁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ ଯୋଗଦେଇଥିଲେ। ବିଜେଡି ଜିଲା ଉପସଭାପତି ବଦ୍ରି ନାରାୟଣ ସିଂ ମୁଖ୍ୟ ବକ୍ତା, ଜିଲା ପରିଷଦ ସଭ୍ୟ ଧନ ସିଂ ଭତ୍ରା ଓ ଗୁପ୍ତ ବିଶୋୟୀ, ବ୍ଲକ ଅଧକ୍ଷା ବୀଣା ମାଝୀ ଓ ଉପାଧକ୍ଷ ସଦାନନ୍ଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ଡାବୁଗାଁ ନିର୍ବାଚନ ମଣ୍ଡଳୀର କୋଷାଗୁମୁଡ଼ା, ଡାବୁଗାଁ, ପାପଡାହାଣ୍ଡି ବ୍ଲକର ବହୁ ବରିଷ୍ଠ ଦଳୀୟ କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ ସହ ତାଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ବିଜୁ ବାବୁ ଆଧୁନିକ ଓଡ଼ିଶାର ବିଶ୍ୱକର୍ମା ଥିଲେ ବୋଲି ଅତିଥିମାନେ କହିଥିଲେ। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଜାଗ ରହି ନବୀନ ବାବୁଙ୍କ ଜନ ହିତକର କାର୍ଯ୍ୟ ଉପରେ ଜନସାଧାରଣଙ୍କୁ ଅବଗତ କରାଇ ଶତ ପ୍ରତିଶତ ବିଜୟ ପାଇଁ ସମସ୍ତ କର୍ମୀଙ୍କୁ ଆହ୍ୱାନ କରାଯାଇଥିଲା। ଡବଲ ଇଞ୍ଜିନ ସରକାର ସମୟରେ ଚାଷୀ ମଣ୍ଡିରେ ଧାନ ବିକିବରରେ ସମସ୍ୟା ଭୋଗୁଛନ୍ତି। ଧାନ ବିକି ଟଙ୍କା ପାଉ ନ ଥିବା ବିଜେଡି ନେତାମାନେ ଅଭିଯୋଗ କରିଥିଲେ। ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇ ଜନସାଧାରଣଙ୍କୁ ଠକିବା, ପ୍ରତିଶ୍ରୁତି ନ ରଖିବା ସାଧାରଣ କଥା ପାଲଟିଛି ବୋଲି ଆଲୋଚନା ହୋଇଥିଲା। ପାପଡ଼ାହାଣ୍ଡି ବ୍ଲକ ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ରେଳଲାଇନ୍‌ରୁ ମୃତଦେହ ଜବତ ମାମଲା**

କୋରାପୁଟ,୫।୩(ଅମିତାଭ ବେହେରା)

କୋରାପୁଟ-ରାୟଗଡ଼ା ରେଳ ଲାଇନର ପାକନଡୋଳା ଛକ ନିକଟରେ କୋରାପୁଟ ଜିଆରପି ପୋଲିସ ମଙ୍ଗଳବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜବତ କରିବା ମାମଲାରେ ମୃତକଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। କୋରାପୁଟ-ସୁନାବେଡା ୨୬ ନଂ ଜାତୀୟ ରାଜପଥ ପାକନଡୋଳା ଛକ ନିକଟ ମା' ଭୈରବୀ ଠାକୁରାଣୀ ମନ୍ଦିରରେ ସୋମବାର ରାତିରେ ହଳପୋଡ଼ା ଯାତ୍ରା ହୋଇଥିଲା। ଏଥିରେ ଦୁରୁଗୁଡ଼ା ଗ୍ରାମର ରାଜୁ ମୁଦୁଲି(୩୫), ସ୍ତ୍ରୀ ଓ ୫ ବର୍ଷର ଝିଅ ଯାତ୍ରା ଦେଖିବାକୁ ଯାଇଥିଲେ। କୌଣସି କାରଣରୁ ରାଜୁ ଓ ଅନ୍ୟ କେତେକ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ମଙ୍ଗଳବାର ସକାଳୁ ରାଜୁଙ୍କ ମୃତଦେହ ରେଳ ଧାରଣାରୁ ମିଳିଥିଲା। ରାଜୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ତାଙ୍କୁ ହତ୍ୟା କରି ଟ୍ରେନ ଲାଇନ୍‌ରେ ଫିଙ୍ଗି ଦେଇଥିବା ସ୍ତ୍ରୀ ଅଭିଯୋଗ କରିଛନ୍ତି। ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। କୋରାପୁଟ ଜିଆରପି ଥାନାରେ ନଂ.୧/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସବଇନ୍ସପେକ୍ଟର ସନତ ପାତ୍ର ତଦନ୍ତ କରୁଥିବା ଜିଆରପି ଥାନା ଓଆଇସି ସନ୍ତୋଷୀ ମହନ୍ତ ସୂଚନା ଦେଇଛନ୍ତି।

# ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ

ନନ୍ଦପୁର/ପାଡୁଆ, ୫।୩
(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ କୂଲାବିର ପଞ୍ଚାୟତସ୍ଥିତ ଧବଳେଶ୍ୱର ମନ୍ଦିର ପରିସରରେ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ପାଡୁଆ, ଚାଟୁଆ, ହାତୀବାରି, ଖିନବର୍, ପାଣ୍ଟଲୁଙ୍ଗ, ଗୋଲୁର, କୁଲାରସିଂ, କୂଲାବିର, ପରଜା ବଦପଡ଼ା, ବାଲଡ଼ା, ଭେଜା, ବାଡେଲ ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଏକତ୍ର ହୋଇ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ଲକର ପୂର୍ବତନ ଅଧକ୍ଷା ତଥା ଜିଲା ଏସ୍‌ଡିସି ଉପାଧକ୍ଷା ଲକ୍ଷ୍ମୀ ହନ୍ତାଳ, ଏସ.କେ ବାଜି, ବିଶ୍ୱନାଥ ମହାନ୍ତି, ସମିତିସଭ୍ୟ ନୀଳକଣ୍ଠ ମାଝୀ, ସରପଞ୍ଚ ଗୋପୀନାଥ ସୀସା ପ୍ରମୁଖ ବିଜୁବାବୁଙ୍କ ଜୀବନୀ, ତାଙ୍କ କାର୍ଯ୍ୟ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି କର୍ମୀମାନେ।

# କାଦବେଡ଼ା ଗ୍ରାମରେ ପ୍ରଥମ ଥର ଖୋଳାଗଲା ନଳକୂପ

ତେନ୍ତୁଲିଖୁଣ୍ଟି, ୫।୩(ଚିଦାନନ୍ଦ ସାହୁ)


ଶ୍ରମିକମାନେ ନଳକୂପ ଖୋଳୁଛନ୍ତି ।

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଗୌଡ଼ ଦେଓପାଲି ପଞ୍ଚାୟତ ଇନ୍ଦ୍ରାବତୀ ରିଜର୍ଭର ପାର୍ଶ୍ୱରେ ଥିବା କାଦବେଡ଼ା ଗ୍ରାମରେ ବ୍ଲକ ପ୍ରଶାସନର ପ୍ରଚେଷ୍ଟାରେ ପ୍ରଥମ ଥର ପାଇଁ ନଳକୂପ ଖନନ କରାଯାଇଛି। ବଳକା କାମ ଶୁକ୍ରବାର କରାଯିବ ବୋଲି ସୂଚନା ମିଳିଛି।

କାଦବେଡା ଓ ଛାରପଦର ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟା ନେଇ ଖବର ପ୍ରକାଶ ପରେ ବିଡିଓ ସ୍ଥିତି ଅନୁଧ୍ୟାନ କରିଥିଲେ। ନଳକୂପ ଖନନ ଗାଡ଼ି କିଭଳି ଯାଇ ପାରିବ ସେଥିପାଇଁ ପ୍ରଥମେ ବ୍ଲକ ପ୍ରଶାସନ ଭିବିଜିରାମଜି ମାଧ୍ୟମରେ ରାସ୍ତା କରାଇଥିଲେ। ରାସ୍ତାକାମ ସମାପ୍ତ ହେବା ପରେ ଗୁରୁବାର ନଳକୂପ ଖନନ ଗାଡି ଗାଁକୁ ଯାଇଥିଲା। ପରେ ସେଠାରେ ନଳକୂପ ଖୋଳାଯାଇଛି। ନିଜ ଗ୍ରାମରେ ପ୍ରଥମ ଥର ପାଇଁ ନଳକୂପ ଦେଖି ଗ୍ରାମବାସୀ ବ୍ଲକ ପ୍ରଶାସନ ଓ ବିଡିଓ ମନୋଜ ପାଣିଗ୍ରାହୀଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଏହା ପୂର୍ବରୁ ଗ୍ରାମବାସୀ ଝରଣା ପାଣିରେ ନିଜ ଶୋଷ ମେଣ୍ଟାଉ ଥିଲେ। ବ୍ଲକ ପ୍ରଶାସନର ଏହି କାର୍ଯ୍ୟ ବଳରେ ଗ୍ରାମବାସୀ ସୁବିଧାରେ ପିଇବା ପାଣି ପାଇପାରିବେ। ସେହିଭଳି ମଞ୍ଚଗାଁ ଗ୍ରାମର ଛାରପଦର ଯାଇ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ନନ୍ଦାହାଣ୍ଡି ବ୍ଲକ ଜଗନ୍ନାଥପୁର ଗ୍ରାମ ପଞ୍ଚାୟତର ପାରଡିପାସରୁ ଛାରପଦର ରାସ୍ତାର କିଛି ମରାମତି ଆବଶ୍ୟକ ଥିବା ନଜରକୁ ଆସିଥିଲା। ଏହାର ମରାମତି ପଞ୍ଚାୟତର କେନ୍ଦ୍ରୀୟ ଓ ରାଜ୍ୟ ଅର୍ଥ କମିଶନ ବାବଦରେ ଆସୁଥିବା ଅର୍ଥରେ ଓ ଭିବିଜିରାମ୍‌ଜିରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସିଆର୍‌ପିଏଫ୍‌ର ୬୪ ତମ ସ୍ଥାପନ ଦିବସ


କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଯବାନମାନେ।

ନବରଙ୍ଗପୁର,୫।୩(ସଦାଶିବ ପ୍ରହରାଜ)

ସିଆରପିଏଫର ୬୪ ତମ ସ୍ଥାପନ ଦିବସ ନବରଙ୍ଗପୁରଠାରେ ଅବସ୍ଥାପିତ ୧୨ ବାଟାଲିୟନ ସିଆରପିଏଫ ପକ୍ଷରୁ ପାଳିତ ହୋଇଛି। ଏହି ଅବସରରେ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କମାଣ୍ଡାଣ୍ଟ ନନ୍ଦ କିଶୋର କୁମାର ପ୍ରସାଦ, ଟୁ ଆଇସି ରାଜେଶ କୁମାର ସୋଲାଙ୍କି, ଡେପୁଟି କମାଣ୍ଡାଣ୍ଟ ଫିରୋଜ ଅଲି, ଇନ୍ସପେକ୍ଟର ପି.କେ. ସାହୁ ଓ ଅନ୍ୟ ଅଧିକାରୀ ଓ ସମସ୍ତ ଯବାନ ଉପସ୍ଥିତ ଥିଲେ।

### ସ୍ୱାମୀଙ୍କ ନିର୍ଯାତନା ସହି ନପାରି ସ୍ତ୍ରୀଙ୍କ ଆତ୍ମହତ୍ୟା ଅଭିଯୋଗ

ଝରିଗାଁ,୫।୩(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଧୀନ ବାଞ୍ଜିଆମ୍ବା ଗ୍ରାମରେ ସ୍ୱାମୀଙ୍କ ନିର୍ଯାତନା ସହି ନ ପାରି ସ୍ତ୍ରୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଗାଁର ବଂଶୀଧର କଲାରଙ୍କ ସ୍ତ୍ରୀ ଜୟଶ୍ରୀ (୨୫)। ପୋଲିସ ବଂଶୀଧରଙ୍କୁ ଝରିଗାଁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

ସୂଚନାନୁଯାୟୀ, ବୁଧବାର ଉଭୟ ବଂଶୀଧର ଓ ଜୟଶ୍ରୀ ବରାଗୁଡ଼ା ଗ୍ରାମର ସମ୍ପର୍କୀୟ ଶଙ୍କର ଭତ୍ରାଙ୍କ ଜନ୍ମ ଦିନ ପାଳନ କରିବା ପାଇଁ ଯାଇଥିଲେ। ଜନ୍ମଦିନ ପାଳନ ପରେ ଶଙ୍କର ସେମାନଙ୍କୁ ଘରେ ଛାଡ଼ିଥିଲେ। ତେବେ ଉଭୟ ଘରେ ଶୋଇଥିଲେ। ସକାଳେ ବଂଶୀଧର ଘରୁ ବାହାରିବା ବେଳେ ଦୁଆର ବନ୍ଧରେ ଜୟଶ୍ରୀଙ୍କ ଝୁଲନ୍ତା ମୃତଦେହ ଦେଖିଥିଲେ। ସ୍ତ୍ରୀଙ୍କ ମୃତଦେହ ତଳକୁ ଓହ୍ଲାଇ ଜୟଶ୍ରୀଙ୍କ ପରିବାର ଲୋକଙ୍କୁ ଫୋନ୍ କରିଥିଲେ। ପେଟ ବ୍ୟଥା ପାଇଁ ତାଙ୍କର ମୃତ୍ୟୁ ହୋଇଥିବା ସେ ଜଣାଇଥିଲେ। ପରିବାର ଲୋକ ଆସି ଜୟଶ୍ରୀଙ୍କ ବେକରେ କଳା ଚିହ୍ନ ଦେଖିବା ପରେ ସନ୍ଦେହ କରିଥିଲେ। ଜୟଶ୍ରୀଙ୍କ ସହ ବଂଶୀଧର ସବୁବେଳେ ଝଗଡ଼ା କରୁଥିଲେ। ତେଣୁ ସେ ସ୍ୱାମୀଙ୍କ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରିଥିବା ପରିବାର ଲୋକେ ସନ୍ଦେହ କରିଥିଲେ। ଜୟଶ୍ରୀଙ୍କ ଦାଦା ଦିନ କଲାର ଏ ନେଇ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଝରିଗାଁ ପୋଲିସ ଅଭିଯୋଗ ପାଇ ସ୍ୱାମୀ ବଂଶୀଧରଙ୍କୁ ଥାନାରେ ଆଣି ପଚରାଉଚରା କରିଥିଲା। ସେ ନିର୍ଯାତନା ଅଭିଯୋଗକୁ ସ୍ୱୀକାର କରିଥିଲେ। ନିର୍ଯାତନା ସହି ନପାରି ଜୟଶ୍ରୀ ଆତ୍ମହତ୍ୟା କରିଥିବା ଜଣାପଡିଥିଲା।

# ଶ୍ରୀ ବାବା ବୈଦ୍ୟନାଥେଶ୍ୱରଙ୍କ ୨ୟ ବାର୍ଷିକ ଉତ୍ସବ


ପୂଜା କାର୍ଯ୍ୟ କରାଯାଉଛି।

ଉମରକୋଟ, ୫।୩(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ଅଧୀନ ଗୁଲିପାଟଣାରେ ଶ୍ରୀ ବାବା ବୈଦ୍ୟନାଥେଶ୍ୱର ମହାଦେବଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଛି। ସକାଳ ୯ଟାରୁ ଆରମ୍ଭ ହୋଇଥିବା ପୂଜା ସନ୍ଧ୍ୟା ୭ଟାରେ ପୁଷ୍ପାଞ୍ଜଳି ଦେବା ସହ ଶେଷ ହୋଇଛି। ପ୍ରଥମେ ସୂର୍ଯ୍ୟ ପୂଜା, ଗୋପୂଜା, ପଞ୍ଚ କର୍ମ ପରେ ରୁଦ୍ରାଭିଷେକ କରାଯାଇଥିଲା। ପରେ ୧୦୮ ପଦ୍ମ ଫୁଲରେ ଅଭିଷେକ କରାଯାଇଥିଲା ଏବଂ ମଙ୍ଗଳ ଆଳତି ପରେ ମନ୍ଦିର ପରିସରରେ ଥିବା ମଣ୍ଡପରେ ଯଜ୍ଞ କରାଯାଇଥିଲା। ସଞ୍ଜୟ ସ୍ୱାଇଁ ଓ ତାଙ୍କ ସ୍ତ୍ରୀ କର୍ତ୍ତାଭାବେ ଉପସ୍ଥିତ ଥିଲେ। ମୁଖ୍ୟ ପୂଜକ ଭାବେ ଲକ୍ଷ୍ମୀ ଚରଣ ତ୍ରିପାଠୀ ପୂଜା କାର୍ଯ୍ୟ ତୁଲାଇଥିଲେ। ମଧ୍ୟାହ୍ନରେ ପ୍ରାୟ ଦୁଇ ହଜାର ଲୋକଙ୍କ ପାଇଁ ଅନ୍ନ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ ମନ୍ଦିର କମିଟି ସଭାପତି ଜୟଦେବ ପରିଡ଼ା, କୋଷାଧକ୍ଷ ଦଣ୍ଡପାଣି ଖଡେଙ୍ଗା, ଟୁଲୁ ସାହୁ, ବିଷ୍ଣୁ ପ୍ରସାଦ ପଟନାୟକ, ବାଲାଜୀ ବେହେରାଙ୍କ ସହ ଗୁଲିପାଟଣା ସାହିର ଏସ୍ଏଚ୍‌ଜି, କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ପ୍ରଦାନ ଦାବି

ଉମରକୋଟ, ୫।୩(ସନ୍ତୋଷ ଶତପଥୀ)


ବିଜୁ ବାବୁଙ୍କ ୧୧୦ ତମ ଜୟନ୍ତୀ ପାଳନ ଅବସରରେ ବିଜେଡି ନେତା ଓ କର୍ମୀମାନେ।

ନବରଙ୍ଗପୁର ଜିଲା ଉମରକୋଟ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ବିଜୁ ଶିଶୁ ଉଦ୍ୟାନରେ ପାଳିତ ହୋଇଛି। ଦଳୀୟ ନେତା ଓ କର୍ମୀମାନେ ସେଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ନବରଙ୍ଗପୁର ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଯୋଗଦେଇ ବିଜୁ ବାବୁଙ୍କୁ ଭାରତ ରତ୍ନ ପ୍ରଦାନ କରାଯିବା ନେଇ ଦାବି କରିଥିଲେ।

ବିଜୁ ବାବୁ ଆଧୁନିକ ଓଡ଼ିଶାର ବିଶ୍ୱକର୍ମା ଥିଲେ ବୋଲି ଉପସ୍ଥିତ ନେତାମାନେ କହିଥିଲେ। ବିଜୁ ବାବୁ ଜଣେ ବ୍ୟକ୍ତି ନ ଥିଲେ ବରଂ ଥିଲେ ଜଣେ ଅନୁଷ୍ଠାନ। ତାଙ୍କ ସମୟରେ ଓଡ଼ିଶାର ଜିଲା ସଂଖ୍ୟା ବଢ଼ିଥିଲା, ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ, ତ୍ରିସ୍ତରୀୟ ପଞ୍ଚାୟତ ରାଜ ବ୍ୟବସ୍ଥା ବିଜୁ ବାବୁଙ୍କ ସମୟରେ ହୋଇଥିଲା। ତେଣୁ ଏବେ ପଞ୍ଚାୟତରୁ ଦିଲ୍ଲୀ ପର୍ଯ୍ୟନ୍ତ ବିଜୁ ବାବୁଙ୍କ ଜୟନ୍ତୀ ପାଳନ କରାଯାଉଛି ବୋଲି ଉପସ୍ଥିତ ବିଜେଡି ନେତାମାନେ କହିଥିଲେ। ଏହି ସମୟରେ ଉମରକୋଟ ପୌରାଧକ୍ଷା ରାଧା ଭତରା, ବ୍ଲକ ଅଧକ୍ଷା ସୁଶୀଳା ମାଝୀ, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ରାଇଘର ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ପୂର୍ବତନ ରାଇଘର ବ୍ଲକ ଅଧକ୍ଷା ନବୀନା ନାୟକ, କାଉନସିଲର ତପନ ଦେବନାଥ, ମନୋଜ ନାୟକ, ପୂର୍ବତନ ନଗରପାଳ ଝଡ଼େଶ୍ୱର ମହାନ୍ତି ପ୍ରମୁଖଙ୍କ ସହ ଛାତ୍ର ବିଜେଡି ନେତାମାନେ ଉପସ୍ଥିତ ଥିଲେ। ଉମରକୋଟ ସହରର ୧୪ ୱାର୍ଡରୁ ପ୍ରାୟ ୧୦୦ ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

# ଜିଲାରେ ୬ ବର୍ଷରେ ପାଣିରେ ବୁଡ଼ି ୪୬୦ ମୃତ

■ ରାଜ୍ୟରେ ଦ୍ୱିତୀୟ କୋରାପୁଟ ଜିଲା
■ ୩୦୦ ଯୁବତୀ ଯୁବକଙ୍କୁ ଦିଆଯାଉଛି ସନ୍ତରଣ ତାଲିମ

**କୋରାପୁଟ,୫।୩(ଅମିତାଭ ବେହେରା)**

କୋରାପୁଟ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ଜୀବନ ଯାଉଥିବା ବେଳେ ପାଣିରେ ବୁଡ଼ି ଗତ ୬ ବର୍ଷରେ ୪୬୦ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ପାଣିରେ ବୁଡ଼ି ମୃତ୍ୟୁ ହେବାରେ କୋରାପୁଟ ଜିଲା ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହା ସରକାରଙ୍କ ଚିନ୍ତାର କାରଣ ହୋଇଛି। ପାଣିରେ ବୁଡି ମୃତ୍ୟୁକୁ ହ୍ରାସ କରିବାକୁ ରାଜ୍ୟ ସରକାର ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। କୋରାପୁଟ ଓଏମ୍‌ପିରେ ପୋଖରୀରେ ଚାଲିଛି ଯୁବକମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ। ଓଡ୍ରାଫ ଓ ଜିଲା ଜରୁରୀ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ୩୦୦ ଯୁବତୀ ଓ ଯୁବକଙ୍କୁ ସନ୍ତରଣ ତାଲିମ ଦିଆଯାଉଛି। ଜିଲାରେ ପ୍ରାକୃତିକ ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରେ ପ୍ରାୟ ୬୫ ପ୍ରତିଶତ କେବଳ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଜିଲା ଜରୁରୀକାଳୀନ ବିଭାଗର ସୂଚନାନୁଯାୟୀ ୨୦୨୦-୨୧ ବର୍ଷରେ ଜିଲାରେ ୮୯ ଜଣଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ୨୦୨୧-୨୨ରେ ୭୦, ୨୦୨୨-୨୩ ରେ ୯୨, ୨୦୨୩-୨୪ ରେ ୬୬, ୨୦୨୪-୨୫ରେ ୮୦ ଓ ୨୦୨୫-୨୬ରେ ଏଯାଏ ୭୩ଜଣଙ୍କ ମୃତ୍ୟୁ ହୋଇଛି।


ଜଣେ ଯୁବକଙ୍କୁ ସନ୍ତରଣ ତାଲିମ ଦିଆଯାଉଛି।

ସୂଚନାଯୋଗ୍ୟ, ଜିଲାର କୋଲାବ ଜଳଭଣ୍ଡାର, କୋଲାବ ନଦୀ, ଜଲାପୁଟ ଜଳଭଣ୍ଡାର, ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ ପର୍ଯ୍ୟଟନସ୍ଥଳୀ, ଡୁଡୁମା ଜଳପ୍ରପାତ, ପୁରାନ ନଦୀ, ଗୁପ୍ତେଶ୍ୱର ଶାବେରୀ ନଦୀ, ଗୁଲୁମି ଜଳପ୍ରପାତରେ ବୁଡ଼ି ଲୋକଙ୍କ ମୃତ୍ୟୁ ହେଉଛି। ଜଳଭଣ୍ଡାର ଓ ନଦୀକୁ ମାଛ ଧରିବାକୁ ଯାଇ ଓ ପର୍ଯ୍ୟଟନସ୍ଥଳୀକ ବୁଲିବାକୁ ଆସି ସେଲ୍ଫି ନେଲା ବେଳେ ଓ ଗୋଡ଼ ଖସି ଲୋକଙ୍କ ମୃତ୍ୟୁ ହେଉଥିବା ଦେଖିବାକୁ ମିଳୁଛି। ଜିଲାରେ ଏହି ମୃତ୍ୟୁ ସଂଖ୍ୟା ହ୍ରାସ କରିବାକୁ ଗ୍ରାମାଞ୍ଚଳରେ ଯୁବପିଢ଼ିଙ୍କୁ ସନ୍ତରଣ ଶିକ୍ଷା ଦିଆଯିବା ଓ ବୁଡ଼ିଯାଉଥିବା ଲୋକଙ୍କୁ ପାଣିରୁ ଉଦ୍ଧାର କରିବା ନେଇ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ୧୦ ପର୍ଯ୍ୟାୟରେ ୩୦୦ ଯୁବତୀ ଓ ଯୁବକଙ୍କୁ ତାଲିମ ଦିଆଯିବ। ଏହା ପରେ ଜଣେ ପାଣିରେ ବୁଡିବା ପରିସ୍ଥିତି ସୃଷ୍ଟି ହେଲେ ଆକସ୍ମିକ ସମୟରେ ନିଜେ ସୁରକ୍ଷିତ ରହି ଅନ୍ୟର ଜୀବନ ବଞ୍ଚାଇବା ନେଇ ପ୍ରଶିକ୍ଷଣ ଦେବା ଆରମ୍ଭ କରାଯାଇଛି। ଓଡ୍ରାଫ ପ୍ରଶିକ୍ଷକ ନାଗଭୂଷଣ ପଟ୍ଟନାୟକ ଜିଲାର ଯୁବପିଢ଼ିଙ୍କୁ ତାଲିମ ଦେଉଛନ୍ତି। ଶାନ୍ତ ରହି ବିବେକ ନ ହରାଇ ବୁଡ଼ିଯାଉଥିବା ବ୍ୟକ୍ତିର ମୁଣ୍ଡକୁ ଉପରଭାଗରେ ରଖିବାକୁ ଚେଷ୍ଟା କରିବା ଓ ଅନ୍ୟ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବା ନେଇ ଯୁବପିଢ଼ିଙ୍କୁ ପ୍ରଶିକ୍ଷଣ ଦିଆଯାଉଥିବା ପ୍ରଶିକ୍ଷକ ସହଦେବ କିସାନ କହିଛନ୍ତି। ପାଣିରେ ବୁଡ଼ି ହେଉଥିବା ମୃତ୍ୟୁ ହାରକୁ କମ କରିବା ତାଲିମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜିଲା ଜରୁରୀକାଳୀନ ଅଧିକାରୀ ସୌଦାମିନୀ ମାଝୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୫ ବ୍ୟାଚ୍ ତାଲିମ ନେଇଛନ୍ତି। ଆଉ ୫ ବ୍ୟାଚ୍‌କୁ ତାଲିମ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**କୋରାପୁଟ,୫।୩(ଅମିତାଭ ବେହେରା)**

କୋରାପୁଟ ସର୍କିଟ ହାଉସ ନିକଟ ରିଜର୍ଭ ଫରେଷ୍ଟ ପାହାଡ଼ରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଗୁରୁବାର ଅପରାହ୍ନରେ ଜବତ କରାଯାଇଛି। ମୃତା ହେଲେ ସ୍ଥାନୀୟ ବନ ଭାରତୀ କଲୋନୀର ପଦ୍ମା ଭୋଇ। ଘଟଣାସ୍ଥଳରେ କୋରାପୁଟ ଟାଉନ ଥାନା ପୋଲିସ ଓ ଜଙ୍ଗଲ ବିଭାଗ କର୍ମଚାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ଟାଉନ ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି।

## ମଦ ଜବତ: ୩ ଗିରଫ

**ଜୟପୁର,୫।୩(ପବନ ପାଣିଗ୍ରାହୀ)**

ଦେଶୀ ଓ ବିଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ସଲପିଆଗୁଡ଼ା ଗ୍ରାମର ରାମଚନ୍ଦ୍ର ଅମନାତ୍ୟ ଓ ଗୁରୁ ଅମନାତ୍ୟ, ସାନ ମୁଣ୍ଡାପଦର ଗ୍ରାମର ଦିନୁ ଖସୋଲା। ସୁଚନାନୁଯାୟୀ, ଅବକାରି ଥାନା ପକ୍ଷରୁ ସନପିଆଗୁଡ଼ା ଓ ସାନ ମୁଣ୍ଡାପଦର ଗ୍ରାମରେ ଚଢାଉ କରି ୧୭ ଲିଟର ଦେଶୀ ମଦ ଓ ୮.୪୫ ବିଦେଶୀ ମଦ ଜବତ କରାଯାଇଛି।

## ହୋମିଓପାଥିକ୍ ଚିକିତ୍ସା ଶିବିର


ଶିବିରରେ ରୋଗୀ ଡାକ୍ତରଙ୍କ ପରାମର୍ଶ ନେଉଛନ୍ତି।

**ମାଲକାନଗିରି, ୫।୩ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ପୋଟେରୁସ୍ଥିତ ନରନାରାୟଣ ସେବାଶ୍ରମ ପରିସରରେ ଦୋଳ ପୂର୍ଣ୍ଣିମା ଅବସରରେ ମଙ୍ଗଳବାର ମାଗଣା ହୋମିଓପାଥିକ୍ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡାକ୍ତର ଜୀବାନନ୍ଦ ବିଶ୍ୱାସ, ଡା. ବିଜୟ କୁମାର ବିଶ୍ୱାସ, ଡା. ଗଣେଶ ଚନ୍ଦ୍ର ବିଶ୍ୱାସ, ସହକାରୀ ଡାକ୍ତର ସ୍ନେହଲତା ମଣ୍ଡଳ, ରେଖା ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କ ଚିକିତ୍ସା କରିବା ସହ ସମସ୍ତଙ୍କୁ ମାଗଣା ଔଷଧ ବିତରଣ କରିଥିଲେ। ଶିବିରରେ ମୋଟ ୩୧୨ ଜଣ ରୋଗୀ ପଞ୍ଜିକୃତ ହୋଇଥିଲେ। ମାନବ ସେବା ହିଁ ମାଧବ ସେବା ଏହାକୁ ଦୃଷ୍ଟିରେ ରଖି ଶ୍ରୀକୃଷ୍ଣଙ୍କ ପ୍ରେମ, ସେବା ଓ କରୁଣାର ବାର୍ତ୍ତାକୁ ଜନସାଧାରଣଙ୍କ ସେବାରେ ବିନିଯୋଗ କରିବା ହିଁ ଏହି ଶିବିରର ମୂଳ ଲକ୍ଷ୍ୟ ଥିଲା ବୋଲି ଚିକିତ୍ସକମାନେ କହିଥିଲେ। ଆଗାମୀ ଦିନରେ ଏପରି ହୋମିଓପାଥିକ୍ ଚିକିତ୍ସା ଜିଲାର ବିଭିନ୍ନ ଅଞ୍ଚଳରେ ଆୟୋଜନ କରାଯିବ ବୋଲି ସୂଚନା ଦେଇଥିଲେ।

## ଠିକାଦାର ସଂଘର ଜିଲାପାଳଙ୍କୁ ଦାବିପତ୍ର



ଦାବିପତ୍ର ଦେବାକୁ ଆସିଥିବା ଠିକାଦାର ସଂଘର ସଦସ୍ୟମାନେ।

**କୋରାପୁଟ, ୫।୩(ଅମିତାଭ ବେହେରା)**

କୋରାପୁଟ ଠିକାଦାର ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ୱାର୍କସ ବିଭାଗ ଜାରି କରିଥିବା ୩ ଜାନୁଆରୀର ସର୍କୁଲାର ବାତିଲ ସହ ୮ ଦଫା ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘଦିନ ଧରି ଉଠାଯାଉଥିବା ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ହୋଇ ନ ଥିବାରୁ ଠିକାଦାରମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ଜିଲା ଠିକାଦାର ସଂଘ କହିଛି। ଏହିସ୍ଥିତିରେ ସରକାର ଶୀଘ୍ର ପଦକ୍ଷେପ ନ ନେଲେ ରାଜ୍ୟର ନିର୍ମାଣ କାର୍ଯ୍ୟ ପ୍ରଭାବିତ ହେବ ବୋଲି ସଂଘ ସତର୍କ କରିଛି। ୱାର୍କସ ବିଭାଗର ଗତ ଜାନୁଆରୀ ୩ ସର୍କୁଲାର ବାତିଲ କରିବା, ଏସ୍‌ଓଆର୍(ସିଡୁଲ ଅଫ ରେଟସ)ର ବାର୍ଷିକ ସଂଶୋଧନ ଓ ଅନ୍ତିମକରଣ, 'ୱାନ ଷ୍ଟେଟ ୱାନ ଲ' ନୀତି ଅନୁସାରେ ସମାନ ପରିଣାମ ମାନଦଣ୍ଡ ଲାଗୁ କରିବା, ଚାଲୁ ମାଇନର କ୍ୱାରିଗୁଡ଼ିକର ତାଲିକା ପ୍ରସ୍ତୁତି, ଶର୍ଟ ଟେଣ୍ଡର କଲ ନୋଟିସ୍‌ରେ ସର୍ବାଧିକ ମୂଲ୍ୟ ୫ ଲକ୍ଷରୁ ୧୦ ଲକ୍ଷ କରିବା, କାମ ସମୟ ବୃଦ୍ଧି ସମୟରେ ଦୈନିକ ଜରିମାନା ବିଲୋପ, ୨୦୧୨ରୁ ୨୦୧୯ ଯାଏ ଦର ବୃଦ୍ଧି ହିସାବ ପ୍ରୟୋଗ ସହ ୱାମିସ ବ୍ୟବସ୍ଥାକୁ ଇ-ପ୍ରୋକ୍ୟୁରମେଣ୍ଟ ସେଲ୍‌କୁ ସ୍ଥାନାନ୍ତର କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲା ଠିକାଦାର ସଂଘ ସଭାପତି ପଦ୍ମନ ହରିଜନ, ସମ୍ପାଦକ ହେମନ୍ତ ତ୍ରିପାଠୀଙ୍କ ନେତୃତ୍ୱରେ ସଂଘର ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ। ଦାବିଗୁଡ଼ିକ ରାଜ୍ୟର ଉନ୍ନତି ସହ ସମ୍ପୃକ୍ତ ଥିବାରୁ ସରକାର ଏହାର ଶୀଘ୍ର ସମାଧାନ କରିବା ଆବଶ୍ୟକ। ନ ହେଲେ ଠିକାଦାରମାନେ ଆନ୍ଦୋଳନ ମାର୍ଗ ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଥିଲେ।

## 'ଜୟପୁରକୁ ଜିଲା ଘୋଷଣା ନ କଲେ ହେବ ଆନ୍ଦୋଳନ'

### ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

**ଜୟପୁର,୫।୩(ପବନ ପାଣିଗ୍ରାହୀ)**

ଜୟପୁର ଟାଉନ ଥାନା ସମ୍ମୁଖରେ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଗୁରୁବାର ପାଳନ କରାଯାଇଛି। ବିଜୁ ସ୍ମୃତି କମିଟି ସଭାପତି ବାଲା ରାୟଙ୍କ ସଭାପତିତ୍ୱରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହ ଦକ୍ଷିଣ ଓଡିଶାର ପ୍ରମୁଖ ସହର ଜୟପୁରକୁ ତୁରନ୍ତ ରାଜ୍ୟ ସରକାର ଜିଲା ଘୋଷଣା କରିବାକୁ ଦାବି କରିଛନ୍ତି। ରାଜ୍ୟ ସରକାର ଜୟପୁରକୁ ଜିଲା ଘୋଷଣା ନ କଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ପୂର୍ବତନ ମନ୍ତ୍ରୀ ନନ୍ଦ ଚେତାବନୀ ଦେଇଛନ୍ତି। ବିଜୁ ଜୟନ୍ତିରେ ବିଜେଡି ନେତା ଓ କର୍ମୀମାନେ ଏକତ୍ର ହୋଇ ବିଜୁବାବୁଙ୍କୁ ଭାରତ ରତ୍ନ ଉପାଧି ଦେବାକୁ ଦାବି କରିଥିଲେ। ଦୀର୍ଘ ୨ ବର୍ଷ ଶାସନରେ ରହି ରାଜ୍ୟ ସରକାର ଖାଲି ରଙ୍ଗ ମାରିବା ସହ ବିକାଶମୂଳକ କାର୍ଯ୍ୟରେ ଇଟା ଖଣ୍ଡେ ମଧ୍ୟ ପଡ଼ି ନ ଥିବା ନେତାମାନେ କହିଛନ୍ତି। ଏଥିସହ ଜୟପୁର ଜଗନ୍ନାଥ ସାଗରର ସୌନ୍ଦର୍ଯ୍ୟକରଣ ସହ ବିକାଶମୂଳକ କାର୍ଯ୍ୟରେ ଟଙ୍କା ହେରଫେର ହୋଇଥିବା ପୂର୍ବତନ ମନ୍ତ୍ରୀ ଅନୁମାନ କରୁଛନ୍ତି। ଏ ନେଇ ବିଜେଡି ପକ୍ଷରୁ ସମସ୍ତ ନେତା ଓ କର୍ମୀ ଏକତ୍ର ହୋଇ ଜୟପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜୟପୁର ପୌରାଧ୍ୟକ୍ଷଙ୍କ ବିରୋଧରେ ବିପୁଳ ପରିମାଣର ଆର୍ଥିକ ଅନିୟମିତତା ହୋଇଥିବା କୁହାଯାଇଛି। ଏହାର ତଦନ୍ତ କରିବାକୁ ଦାବି କରାଯାଇଛି। ୧୬ କୋଟି ଟଙ୍କା ବିନିମୟରେ ଜଗନ୍ନାଥ ସାଗରର ବିକାଶ କାର୍ଯ୍ୟ ସହ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଛି। ଏଥିରୁ କେତେ ଟଙ୍କା ପେମେଣ୍ଟ ହୋଇଛି ଏବଂ କେତେ ବଳକା ରହିଛି ଏହାର ତଦନ୍ତ କରିବାକୁ ଦାବି କରାଯାଇଛି। ପୌରାଧ୍ୟକ୍ଷ ବସ ପରମିଟ ପାଇ ଆନ୍ଧ୍ର ବିଶାଖାପାଟଣାର ଏକ ଘରୋଇ ହସପିଟାଲରୁ ୧୦୬ ଦିନର ଜାଲ ମେଡିକାଲ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ହାଇକୋର୍ଟରେ ମଧ୍ୟ ପ୍ରମାଣ ପତ୍ର ଦେଇ ପରମିଟ ହାତେଇଥିବା କୁହାଯାଇଛି। ପୌରପାଳିକାରୁ ତେଲ ବାବଦ ଖର୍ଚ୍ଚ ନେବା ସହ ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ କରିଛନ୍ତି। ଏହାର ତଦନ୍ତ କରିବାକୁ କୁହାଯାଇଛି। ଦାବିପତ୍ର ଦେବାର ୭ ଦିନ ମଧ୍ୟରେ ତଦନ୍ତ ନ ହେଲେ ଜୟପୁର ସହରର ୯ ୱାର୍ଡରେ ଧାରଣା ଦିଆଯିବା ସହ ପୌରପାଳିକାକୁ ଘେରାଉ କରାଯିବ ଓ ଦାବିପୂରଣ ନ ହେଲେ ଜୟପୁର ସହରକୁ ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ସମୟରେ ପୌର ଉପାଧ୍ୟକ୍ଷ ବି. ସୁନିତା, ବ୍ଲକ ଉପାଧ୍ୟକ୍ଷ ଗଣେଷ ପାଢ଼ୀ, ବିଜେଡି ବରିଷ୍ଠ ନେତା ଅନୁପ ପାତ୍ର, ସୂର୍ଯ୍ୟନାରାୟଣ ରଥ, ଦୁର୍ଗା ମିଶ୍ର, ନାଗରାଜ ଦୋରା, ଶିବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ବିଜେଡି ନେତା ଓ କର୍ମୀମାନେ ଜୟପୁର ଟାଉନ ଥାନାରେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ବ୍ରିଜ୍ ତଳକୁ ପିକ୍‌ଅପ୍ ଖସି ୬ ଆହତ

**ନନ୍ଦପୁର,୫।୩ (ତୁଷାର କାନ୍ତ ମହାନ୍ତି)**

କୋରାପୁଟ ଜିଲା ନନ୍ଦପୁର ଥାନା ଅଧୀନ କୁମାରଗନ୍ଧନା ପଞ୍ଚାୟତ ହଣ୍ଡାଲତୋଟା ନିକଟ ବ୍ରିଜ ତଳକୁ ଏକ ପିକଅପ ଖସିପଡ଼ିବାରୁ ଡମାଇ ମୁଦୁଲି, ନୀଳାଦ୍ରି ଖରା, ଜଗମୋହନ ମାଝୀ, ସଦନ ଜାନି ଓ ରମନ ମୁଦୁଲି ମଙ୍ଗଳବାର ଗୁରୁତର ହୋଇଛନ୍ତି। ଚଣ୍ଡାଲମୁଣ୍ଡାର ଓ ପାଲିବା ଅଞ୍ଚଳର ୨୫ରୁ ୩୦ ଗ୍ରାମବାସୀ ପିକ୍‌ଅପ୍‌ରେ ହାଟସୂକୁ ଗ୍ରାମକୁ ଏକ ବିବାହ ଭୋଜିରେ ସାମିଲ ହେବାକୁ ଯାଇ ଫେରିବା ବେଳେ ପିକ୍‌ଅପ୍ ଭାରସାମ୍ୟ ହରାଇ ବ୍ରିଜ୍ ତଳକୁ ଖସି ପଡ଼ିଥିଲା। ବ୍ରିଜ୍ ତଳେ କେବଳ କାଦୁଅ ଥିବାରୁ ଲୋକେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଘଟଣାସ୍ଥଳକୁ ନନ୍ଦପୁର ପୋଲିସ, ଅଗ୍ନିଶମ ବାହିନୀ ପହଞ୍ଚି ଆହତଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ।


**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ. Sr.DMM/KUR/EP/2025-26/19, ତା.27.02.2026ରିଖ

ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।

କ୍ରମ ସଂ. 01 : ଟେଣ୍ଡର ସଂ. 81265278, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଅନୁଲଗ୍ନକ-1 ଅନୁଯାୟୀ LHB କୋଚ୍‌ଗୁଡ଼ିକରେ ଅଣ୍ଡର ସ୍ଲଙ୍ଗ ପାଣି ଟାଙ୍କି ନିମନ୍ତେ ଅତିରିକ୍ତ ପାଣି ଭରିବା ବ୍ୟବସ୍ଥା, ପରିମାଣ : 100 ସେଟ୍।
ଅନୁଲଗ୍ନକ-1 ଅନୁଯାୟୀ LHB କୋଚ୍‌ଗୁଡ଼ିକରେ ଅଣ୍ଡର ସ୍ଲଙ୍ଗ ପାଣି ଟାଙ୍କି ନିମନ୍ତେ ଅତିରିକ୍ତ ପାଣି ଭରିବା ବ୍ୟବସ୍ଥା, ପରିମାଣ : 626 ସେଟ୍।

କ୍ରମ ସଂ. 02 : ଟେଣ୍ଡର ସଂ. 81265260, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଆନୁଷଙ୍ଗିକ ଉପକରଣ ଗୁଡ଼ିକ ସହିତ CUMMINS ଡିଜେଲ ଇଞ୍ଜିନ ମଡେଲ ନଂ. KTA-19 G10 ନିମନ୍ତେ ଉପଯୋଗୀ ରେଡିଏଟର ଆସେମ୍ବ୍ଲିର ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ, ପରିମାଣ : 04 ସଂଖ୍ୟକ।

କ୍ରମ ସଂ. 03 : ଟେଣ୍ଡର ସଂ. 81265274, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ହାଇ ଡେନ୍ସିଟି, ସେଲ୍ଫ ସ୍କିନ୍ ପଲିୟୁରେଥେନ୍ ଫୋମ୍‌ର ତିନି ସିଟ୍ ବିଶିଷ୍ଟ ସର୍ବସାଧାରଣ ବସିବା ଚେୟାର ର ଯୋଗାଣ, ସଂସ୍ଥାପନ ଏବଂ ଗ୍ରାଉଟିଙ୍ଗ (Grouting), ପରିମାଣ : 202 ସଂଖ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 19.03.2026, 1500 ଘଟିକାରେ (କ୍ରମ ସଂ. 1 ନିମନ୍ତେ) ଏବଂ 23.03.2026, 1500 ଘଟିକାରେ (କ୍ର. ସଂ. 2 ଓ 3 ନିମନ୍ତେ)।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-1188/Q/25-26


## ବାଲିମେଳାରେ ଠିକାଦାର ସଂଘ ଗଠନ, କର୍ମକର୍ତ୍ତା ଚୟନ

**କୋରୁକୋଣ୍ଡା,୫।୩(ଶିବଦତ୍ତ ସାହୁ )**

ମାଲକାନଗିରି ଜିଲା ବାଲିମେଳା ସହରରେ ରହୁଥିବା ଠିକାଦାରଙ୍କୁ ନେଇ ସହରରେ ଥିବା ଟାଉନ ହଲ ପରିସରରେ ଏନଏସିର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ସହରର ବିକାଶ ପାଇଁ ବାଲିମେଳା ଏନ୍‌ଏସି, ପୋଟେରୁ ଜଳସେଚନ ବିଭାଗ, ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ର ଏବଂ ଅନ୍ୟାନ୍ୟ ବିଭାଗ ଜରିଆରେ ବିଭିନ୍ନ ଯୋଜନାରେ ଟେଣ୍ଡର ମାଧ୍ୟମରେ କରାଯାଉଥିବା କାର୍ଯ୍ୟଗୁଡିକୁ ସୁଚାରୁରୂପେ କରିବା ନେଇ ଆଲୋଚନା ହୋଇଥିଲା। ପରେ ବାଲିମେଳାର ସମସ୍ତ ଠିକାଦାରଙ୍କ ସହମତିକ୍ରମେ ଏକ ନୂତନ ଭାବେ ଠିକାଦାର ସଂଘ ଗଠନ କରିବା ସହ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘର ସଭାପତି ଭାବେ ବି. ଅରୁଣ ପାତ୍ର, ଉପସଭାପତି ଭାବେ ଗୌର ଚନ୍ଦ୍ର ଖିଲ, ସାଧାରଣ ସମ୍ପାଦକ କାଳୁ ଚରଣ ପ୍ରଧାନ, କୋଷାଧ୍ୟକ୍ଷ ଶୀତଲ କୁମାର ଚର୍ଚ୍ଚିଙ୍କୁ ଚୟନ କରାଯାଇଛି। ସଂଘକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଏନ୍‌ଏସି ଅଧ୍ୟକ୍ଷ ନାୟକଙ୍କ ସମେତ ଏମ୍‌ପି ପ୍ରତିନିଧି ଅକ୍ଷୟ ବିଶ୍ୱାଳ, ଲକ୍ଷ୍ମୀ ପଟ୍ଟନାୟକ, ବିଶ୍ୱନାଥ ବିଶ୍ୱାଳ, କୃଷ୍ଣ ବାଘ, ମଦନ ଖୋସାଲା ସଂଘର ଉପଦେଷ୍ଟା ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।


ବୈଠକରେ ଏନ୍‌ଏସି ଅଧ୍ୟକ୍ଷଙ୍କ ସହ ଠିକାଦାରମାନେ ଆଲୋଚନା କରୁଛନ୍ତି।

## 'ଓଡ଼ିଶାର ପ୍ରଗତିରେ ବିଜୁବାବୁଙ୍କ ଅବଦାନ ଅତୁଳନୀୟ'

### ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

**ମାଲକାନଗିରି,୫।୩(ଗୌରି ଶଙ୍କର ପଣ୍ଡା)**

ମାଲକାନଗିରି ଜିଲା ସଦର ମହକୁମାଠାରେ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଦଳର ବହୁ ନେତୃବୃନ୍ଦ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ଦଳୀୟ କାର୍ଯ୍ୟାଳୟଠାରେ ଜିଲା ସଭାପତି ମାନସ ମାଡକାମୀଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ଦଳର ବହୁ ନେତା କର୍ମୀ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ରାଜ୍ୟ ଓ ଓଡ଼ିଆ ଜାତି ପ୍ରତି ବିଜୁବାବୁଙ୍କ ଅବଦାନ ସର୍ବଦା ଅତୁଳନୀୟ, ତାଙ୍କର ପଥ ଅନୁସରଣକରି ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ହକ୍ ପାଇଁ ଲଢେଇ କରି ଆସୁଛି ଓ ଆଗକୁ ମଧ୍ୟ ବିଜୁ ବାବୁଙ୍କ ସ୍ୱପ୍ନ ସୁନାର ଓଡିଶାକୁ ଦଳ ପୂରଣ କରିବା ପାଇଁ ନିଜର ପ୍ରୟାସ ଜାରି ରଖିବ ବୋଲି ଉପସ୍ଥିତ ଦଳୀୟ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ଉପସଭାପତି ଲକ୍ଷ୍ମୀପ୍ରିୟା ନାୟକ, ଜିଲା ପରିଷଦ ଅଧ୍ୟକ୍ଷା ତଥା ଜିଲା ମହିଳା ସଭାନେତ୍ରୀ ଶମାରୀ ତାଙ୍ଗୁଲ, ବରିଷ୍ଠ ନେତା ଗୋପାଳ କୃଷ୍ଣ ପଣ୍ଡା, ଜିଲା ଯୁବ ନେତା ଶ୍ରୀନିବାସ ମୁଦୁଲି, ବିଭିନ୍ନ ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ଜିଲା ପରିଷଦ ସଭ୍ୟ/ସଭ୍ୟା, ବ୍ଲକ ସଭାପତି, ସରପଞ୍ଚ, ସମିତିସଭ୍ୟ ଏବଂ କର୍ମକର୍ତ୍ତା ଯୋଗଦାନ କରିଥିଲେ।


ସ୍ମୃତି ସଭାରେ ଉପସ୍ଥିତ ବିଜେଡି ନେତା ଓ କର୍ମକର୍ତ୍ତା।


**OFFICE OF THE NOTIFIED AREA COUNCIL, CHANDBALI**

Pin : 756133 (Odisha), E.Mail : chandbalin-hud@gov.in / chandbali.nac@gmail.com

**E-Procurement Notice**

**Tender Call Notice No. : 925/CN-05/2025-26**

No.13001/450/2526 **Date : 27.02.2026**

| | | |
|---|---|---|
| 1. Name of the Work | : | Individual Civil Construction works published the in the website |
| 2. No. of works put to Tender | : | 03 Nos. Individual Works |
| 3. Estimated Cost | : | Rs.20.00 Lakhs each |
| 4. Period of completion | : | 60 days |
| 5. Date and time of availability | : | From **17.00 hours of Dt.02.03.2026 to 17.30 of Dt.18.03.2026** bid document in the portal |
| 6. Last date/Time for receipt of bids | : | **17.30 hours of Dt.18.03.2026** |
| 7. Date and time of opening of bid | : | **11.00 hours of Dt.19.03.2026** |
| 8. Name and address of the Officer Inviting Bid | : | Executive Officer, Chandbali NAC, Chandbali |

Further details can be seen from the e-procurement portal **https://tenderorissa.gov.in**

**Sd./- Executive Officer**
**Chandbali NAC**

OIPR-13001/13129/1/25-26/0010



**WORKS DEPARTMENT**

**OFFICE OF THE SUPERINTENDING ENGINEER MAYURBHANJ [R&B] DIVISION, BARIPADA**

e-mail : bpd_eerb@rediffmail.com

Government of Odisha "e" Procurement Notice

**Bid Identification No. - S.E.-81/2025-26**

No.34001/146/2526

| | | |
|---|---|---|
| 1. Number of works | : | Road & Electrical works |
| 2. Approximate estimated cost | : | 73.47 lakh to 3.71 lakh |
| 3. Period of completion | : | 01 (One) & 02 (Two) Calendar months |
| 4. Date & Time of availability of bid documents in the portal | : | Dt.07.03.2026 to 17.03.2026 |
| 5. Last Date / Time of receipt of bid in the portal | : | Dt.17.03.2026 up to 5.00 P.M. |
| 6. Date of Opening of bid | : | Dt.18.03.2026 at 11.00 A.M. |
| 7. Name & adderss of the Office inviting bid | : | Superintending Engineer, Mayurbhanj (R&B) Division, Baripada |

Further details can be seen from the e-procurement portal http://www.tendersodisha.gov.in

**Sd./- R.G. Ray**
**Superintending Engineer**
**Mayurbhanj (R&B) Division**

OIPR-34001/34025/1/25-26/0004


## ସିପିଆଇ(ଏମ୍) ନେତାଙ୍କ ପରଲୋକ

**ମାଲକାନଗିରି, ୫।୩( ଗୌରି ଶଙ୍କର ପଣ୍ଡା)**

ସିପିଆଇ(ଏମ୍) ରାଜ୍ୟ କମିଟି ସଦସ୍ୟ ତଥା ମାଲକାନଗିରି ଜିଲା ସମ୍ପାଦକ ବ୍ରଜ ମାଝୀ ଦୀର୍ଘ ଦିନ ଧରି ଅସୁସ୍ଥ ଥିବାବେଳେ ବୁଧବାର ସନ୍ଧ୍ୟାରେ ତାଙ୍କର ପରଲୋକ ହୋଇଯାଇଛି। ଜିଲାରେ ଆଦିବାସୀଙ୍କ ଜଳ, ଜମି, ଜଙ୍ଗଲ ଓ ମୌଳିକ ଅଧିକାର ପାଇଁ ସେ ସଦାବେଳେ ସଂଗ୍ରାମ କରୁଥିଲେ। ଫେବୃଆରୀ ୨୦୨୪ରେ, ସେ ଆଦିବାସୀ ଲୋକଙ୍କ ମୌଳିକ ସମସ୍ୟାକୁ ଉଜାଗର କରିବା ପାଇଁ ମାଲକାନଗିରିର ଚିତ୍ରକୋଣ୍ଡା, ବାଲିମେଳା ଏବଂ ଗୁମ୍ପା ସମେତ ବିଭିନ୍ନ ଅଞ୍ଚଳ ଦେଇ ୧୭୦ କିଲୋମିଟରର ୯ଦିନିଆ ପଦଯାତ୍ରାର ନେତୃତ୍ୱ ନେଇଥିଲେ। ସେହିପରି ସ୍ୱର୍ଗତ ମାଝୀ ବିଭିନ୍ନ ସମୟରେ ଲୋକଙ୍କ ହିତ ପାଇଁ ସ୍ୱର ଉଠାଉଥିବା ବେଳେ ତାଙ୍କର ମୃତ୍ୟୁ ଖବର ପାଇ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଜିଲା ଓ ଜିଲା ବାହାରୁ ଶତାଧିକ ଲୋକେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ପରେ ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ଅନ୍ତିମ ସଂସ୍କାର ପାଇଁ ନିଆଯାଇଥିଲା।

## କର୍କଟରେ ପୀଡ଼ିତ ବଣ୍ଡା ଯୁବକଙ୍କୁ ସହାୟତା କଲା ଜିଲା ପ୍ରଶାସନ

**ମାଲକାନଗିରି, ୫।୩ (ଦୁର୍ଯ୍ୟୋଧନ ପାତ୍ର)**

କର୍କଟ ରୋଗରେ ପୀଡିତ ବଣ୍ଡା ଯୁବକଙ୍କୁ ସହାୟତାର ହାତ ବଢାଇଲା ଜିଲା ପ୍ରଶାସନ ତଥା ବିଭିନ୍ନ ସଂଗଠନ । ମାଲକାନଗିରି ଜିଲା ଅଣ୍ଡ୍ରାହାଲ ପଞ୍ଚାୟତର ୧୭ ବର୍ଷୀୟ ବଣ୍ଡା ଯୁବକ ସୋନିଆ ଚାଲାଣା କର୍କଟରେ ରୋଗରେ ପୀଡିତ ଥିବାବେଳେ ଉନ୍ନତ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ଏ ନେଇ ଖବର ପ୍ରଚାର ହେବା ପରେ ଜିଲା ପ୍ରଶାସନ ତରଫରୁ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବା ନିମନ୍ତେ ପି.ଏ. ଆଇଟିଡିଏ ପକ୍ଷରୁ ୫୦ ହଜାର ଟଙ୍କା, ଜିଲାପାଳଙ୍କ ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା, ମାଲକାନଗିରି ୟୁନିଅନ ଅଫ ଜର୍ନାଲିଷ୍ଟ ତରଫରୁ ୧୦ ହଜାର ଟଙ୍କା, ଜିଲା ଘରୋଇ ବସ୍ ମାଲିକ ସଂଘ ତରଫରୁ ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିସହିତ ସୋନିଆଙ୍କୁ ଆମ୍ବୁଲାନ୍ସ ଯୋଗେ କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।


ଚିକିତ୍ସିତ ହେଉଥିବା ସୋନିଆଙ୍କୁ ଦେଖିବାକୁ ଯାଇଥିବା ବିଭିନ୍ନ ସଂଗଠନ କର୍ମକର୍ତ୍ତା।

ମାଲକାନଗିରି ଜିଲା ଅଣ୍ଡ୍ରାହାଲ ପଞ୍ଚାୟତର ୧୭ ବର୍ଷୀୟ ବଣ୍ଡା ଯୁବକ ସୋନିଆ ଚାଲାଣା କୋରାପୁଟ ଜିଲା ଜୟପୁରସ୍ଥିତ ଜିଏଲସି ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି। ସୋନିଆ ଗତ କିଛିଦିନ ହେଲା ରକ୍ତ କର୍କଟରେ ପୀଡିତ ହୋଇ ଏବେ ଶଯ୍ୟାଶାୟୀ ହୋଇପଡିଛନ୍ତି। ପରିବାର ଲୋକେ ତାଙ୍କୁ ବିଶାଖାପାଟଣାର ମହାତ୍ମାଗାନ୍ଧୀ ମେମୋରିଆଲ ହସ୍ପିଟାଲରେ ଦୁଇଟି କେମୋ ଚିକିତ୍ସା କରିଛନ୍ତି। ହେଲେ ତୃତୀୟ କେମୋ ପାଇଁ ଡାକ୍ତର ମାର୍ଚ୍ଚ ୩ ତାରିଖ ସମୟ ଦେଇଥିଲେ । କିନ୍ତୁ ଅର୍ଥ ଅଭାବ ଯୋଗୁ ସୋନିଆଙ୍କ ଚିକିତ୍ସା ନିମନ୍ତେ ପରିବାର ଲୋକେ ବିଶାଖାପାଟଣା ଯାଇ ପାରୁ ନ ଥିଲେ। ବିଶାଖାପାଟଣା ଯିବା ଆସିବା ଓ ରହିବା ଖାଇବା ଖର୍ଚ୍ଚ ଯୋଗାଡ କରିବା ଏହି ଗରିବ ପରିବାର ପାଇଁ ଅସମ୍ଭବ ହୋଇପଡିଥିଲା। ତେଣୁ ସେମାନେ ସରକାରୀ ସାହାଯ୍ୟକୁ ଅପେକ୍ଷା କରି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋନିଆଙ୍କୁ ଚିକିତ୍ସା କରୁଥିଲେ। ସେପଟେ ପ୍ଲାଟଲେଟ କମି ଯାଉଥିବାରୁ ସୋନିଆଙ୍କ ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟ ଦିନକୁ ଦିନ ବିଗିଡିବାରେ ଲାଗିଥିଲା। ଏହି ଖବର ଶୁଣି ଜିଲା ପ୍ରଶାସନ ସହ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆର୍ଥିକ ସହାୟତା କରାଯାଇଛି।


**GOVERNMENT OF ODISHA** No. 34001/137/2526

**OFFICE OF THE SUPERINTENDING ENGINEER PARALAKHEMUNDI (R&B) DIVISION, PARALAKHEMUNDI**

Tel. Ph. No.: 06815-222542, E-mail ID: eerbparala@yahoo.com

**e-Procurement Notice**

**Bid Identification No. S.E., PKD. R&B DIVN.-24/2025-26**

No. 1557 Date: 27.02.2026

**INVITATION FOR BIDS**

| | | | |
|---|---|---|---|
| 1. | The Superintending Engineer, Paralakhemundi (R&B) Division on behalf of Governor of Odisha invites Percentage rate bid in Double Cover system to be received in on ONLINE MODE only for the construction of works as detailed in the table below: | | |
| 2. | Nature of works | : | Building Works |
| 3. | No. of Works | : | 15 (Fifteen) Nos. of works |
| 4. | Estimated Cost (Approximately) | : | Rs.88.88 lakhs to Rs.58.13 lakhs |
| 5. | Bid Cost | : | Rs.10,000/- |
| 6. | Class of Contractor | : | "B" Class |
| 7. | Availability of Bid Documents in the website | : | 10.00 hrs. of Dt.09.03.2026 to 17.00 hrs. of Dt.30.03.2026 |
| 8. | Date of opening of the Bid | : | 12.00 hrs. of Dt.31.03.2026 |
| 9. | The bidders have to participate in ONLINE bidding only. Further details can be seen from the website **http://tendersorissa.gov.in**. Any Addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

**Sd./- Superintending Engineer**
**Paralakhemundi (R&B) Division**

OIPR-34001/34186/1/25-26/0002

